# ୭ଟି ଗ୍ରାମର ରାସ୍ତା ପାଲଟିଛି ମରଣଯନ୍ତା

## ଭାରୀଯାନ ଯାତାୟାତ ଉପରେ ରୋକ୍ ଲଗାଉନି ପ୍ରଶାସନ; ସାଧାରଣରେ ବଢୁଛି ଅସନ୍ତୋଷ

**କୁନ୍ଦୁରା,୨୦।୩(ସମିସ):** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ୍ ଡଙ୍ଗରପାଉଁଶି ଗ୍ରାମ ପଞ୍ଚାୟତ ସଦର ମହକୁମା ଦେଇ ଜିରାଗୁଡ଼ା ଏବଂ ଆଇତାହାଣ୍ଡି ସମେତ ୭ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପାଲଟିଛି ମରଣଯନ୍ତା। ବିପର୍ଯ୍ୟସ୍ତ ରାସ୍ତା ସତ୍ତ୍ୱେ ଉକ୍ତ ରାସ୍ତାରେ ଭାରୀଯାନ ଯାତାୟାତ ଉପରେ ପ୍ରଶାସନ ରୋକ୍ ଲଗାଉନାହିଁ। ଫଳରେ ରାସ୍ତାରେ ଯାତାୟାତ ଦୁର୍ବିସହ ହୋଇପଡୁଥିବା ଅଞ୍ଚଳବାସୀ କହିଛନ୍ତି। ଯାହାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ଉକ୍ତ ରାସ୍ତାରେ ଗତ କିଛି ବର୍ଷ ପୂର୍ବରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧୀନରେ ଡଙ୍ଗରପାଉଁଶି ଛକ ପୂର୍ତ୍ତ ବିଭାଗଠାରୁ ଜିରାଗୁଡ଼ା ଏବଂ ବେଢ଼ାପାଉଁଶି ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇଥିଲା। କିନ୍ତୁ ଏହି ରାସ୍ତା ଦେଇ ପ୍ରତିଦିନ ବାଲି ବୋଝେଇ ଭାରୀଯାନଗୁଡ଼ିକ ଯାତାୟାତ କରିବା ଫଳରେ ରାସ୍ତା ଅଳ୍ପ ଦିନ ମଧ୍ୟରେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯାହାକୁ ନେଇ ଗ୍ରାମବାସୀ ୫ ବର୍ଷ ମଧ୍ୟରେ ଥିବା ରକ୍ଷଣାବେକ୍ଷଣ ଅବଧି ମଧ୍ୟରେ ଖରାପ ହୋଇଥିବା ରାସ୍ତାକୁ ସଜାଡ଼ିବା ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ଅନୁରୋଧ କରିଥିଲେ। କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତା ପ୍ରତି ତଞ୍ଚକତା କରି ସରକାରଙ୍କ ନିୟମ ଅନୁଯାୟୀ ରହିଥିବା ରକ୍ଷଣାବେକ୍ଷଣ ଅବଧିକୁ ଜାଣିଶୁଣି ଟାଳି ଶେଷ କରିଦେଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଉକ୍ତ ରକ୍ଷଣାବେକ୍ଷଣ କରିବା ନିମନ୍ତେ ରହିଥିବା ଅର୍ଥ କୁଆଡ଼େ ଗଲା ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ଉକ୍ତ ରାସ୍ତା ନିର୍ମାଣ ନିମନ୍ତେ ଆଉଥରେ ଟେଣ୍ଡର ସରକାରୀ ଭାବେ ସାରିଛି। କିନ୍ତୁ ଉକ୍ତ ରାସ୍ତା ନିର୍ମାଣ ଆରମ୍ଭ କରିବାକୁ ଥିବାବେଳେ ବାଟ ଓଗାଳିଛି ମେଗା ଜଳ ପ୍ରକଳ୍ପ। ଗ୍ରାମଗୁଡ଼ିକରେ ମେଗା ଜଳ ଯୋଗାଣ ପ୍ରକଳ୍ପକୁ ସଂଯୋଗ କରିବା ନିମନ୍ତେ ବିଭିନ୍ନ ସ୍ଥାନରେ ଖୋଳିବା ଫଳରେ ରାସ୍ତାରେ ଗୁଣ୍ଡ ମାଟି ଜମି ରହୁଛି। ଫଳରେ ଯିବାଆସିବା ବିପଜ୍ଜନକ ହୋଇପଡ଼ିଛି। ମେଗା ଜଳ ପ୍ରକଳ୍ପ ରାସ୍ତା ପାର୍ଶ୍ୱରେ ଖୋଳି ବଡ଼ବଡ଼ ପାଇପଗୁଡ଼ିକୁ ପୋତିବା ନିମନ୍ତେ ସିମେଣ୍ଟ କଂକ୍ରିଟ ବ୍ୟବହାର କରିବା ବଦଳରେ ଖାଲି ବାଲି ପୋତି ଚାଲି ଯାଉଛି। ସେଥିପାଇଁ ରାସ୍ତା ଖାଲ ଢିପ ହେଉଥିବା ସହ ଗ୍ରାମରେ ଧୂଳି ଉଡ଼ି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। କୌଣସି ପ୍ରଶାସନିକ ଅଧିକାରୀ ଏହି ରାସ୍ତା ପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ତ୍ତମାନର ଏହି ଦୁଇ ଦିନିଆ ବର୍ଷାରେ ରାସ୍ତା ଚିକିଟା ମାଟିରେ ପରିଣତ ହୋଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏ ଦିଗରେ ଗ୍ରାମ୍ୟ ଉନ୍ନୟନ ବିଭାଗ କିମ୍ବା ମେଗା ଜଳ ଯୋଗାଣ ପ୍ରକଳ୍ପ ବିଭାଗ ମୁହଁ ଖୋଲୁ ନ ଥିବାବେଳେ ତୁରନ୍ତ ଏହାର ସମାଧାନ କରାଯିବା ଦିଗରେ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ନନ୍ଦପୁରରେ କୋହଲା ପାଗ ସହ ବର୍ଷା

**ନନ୍ଦପୁର,୨୦।୩(ସମିସ):** ବୁଧବାର କୋରାପୁଟ ଜିଲ୍ଲାର ନନ୍ଦପୁରରେ ସକାଳୁ କୋହଲା ପାଗ ସହ ବର୍ଷା ହୋଇଛି। ଏହାଦ୍ୱାରା ଗ୍ରୀଷ୍ମର ଉତ୍ତାପରୁ ତ୍ରାହି ମିଳିଥିବାବେଳେ ବୁଧବାର ନନ୍ଦପୁରରେ ହୋଇଥିବା ହାଟକୁ ଆସିଥିବା ଲୋକେ ବର୍ଷା ଯୋଗୁଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। ବର୍ଷାରୁ ରକ୍ଷା ପାଇବା ପାଇଁ ଲୋକେ ଦୋକାନଗୁଡ଼ିକ ଆଗରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଥିଲା।



ସ୍ୱାସ୍ଥ୍ୟ ହିଁ ସମ୍ପଦ

# ସାନ୍ଧୁବାଡ଼ିରେ ଆମ୍ବେଦକର ଯୁବକ ସଂଘର ଫିଟ୍‌ନେସ୍ କ୍ଲବ୍

**ରାୟଗଡ଼ା,୨୦।୩(ସମିସ):** ଆଜିର ବ୍ୟସ୍ତବହୁଳ ଜୀବନରେ ନିଜର ସ୍ୱାସ୍ଥ୍ୟକୁ ଫିଟ୍‌ନେସ ରଖିବାରେ ସମସ୍ତେ ଯତ୍ନବାନ ରହୁଥିବା ବେଳେ ଏକ ଭଲ ଫିଟନେସ କେନ୍ଦ୍ର ତଥା ଜିମ୍ ଯିବାକୁ ସମସ୍ତେ ଚାହିଁଥାନ୍ତି। ସହରାଞ୍ଚଳରେ ଥିବା ଜିମ୍ ଗୁଡ଼ିକରେ ଅତ୍ୟାଧୁନିକ ଉପକରଣର ସୁବିଧା ମିଳିପାରୁଛି। ଏହି ଜିମଗୁଡ଼ିକୁ ଏବେ ଅଧିକ ଲୋକେ ତଥା ଯୁବପିଢ଼ି ଯାଉଛନ୍ତି। ତେବେ ଗ୍ରାମାଞ୍ଚଳରେ ଥିବା ଜିମଗୁଡ଼ିକରେ ଏତେ ସବୁ ସୁବିଧା ଉପଲବ୍ଧ ନ ଥିବାରୁ ଯୁବକମାନେ ଏଥିରୁ ବଞ୍ଚିତ ଥାଇ ଅଳ୍ପ କିଛି ଉପକରଣରେ ନିଜର ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ପରିଶ୍ରମ କରିଥାନ୍ତି। ତେବେ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ରାୟଗଡ଼ା ଜିଲ୍ଲା ସଦର ବ୍ଲକ ମିରାବାଲି ପଞ୍ଚାୟତ ଅନ୍ତର୍ଗତ ସାନ ସାନ୍ଧୁବାଡ଼ି ଗ୍ରାମର ଡ.ଭୀମାରାଓ ଆମ୍ବେଦକର ଯୁବକ ସଂଘ ପକ୍ଷରୁ ଗୋଷ୍ଠୀକେନ୍ଦ୍ରରେ ଅତ୍ୟାଧୁନିକ ଜିମ୍ ଉପକରଣର ବ୍ୟବସ୍ଥା ଥାଇ ଏକ ସୁନ୍ଦର ଜିମ୍ ପରିଚାଳିତ ହୋଇଆସୁଛି। ଜିମରେ ସାନ ସାନ୍ଧୁବାଡ଼ି ଗ୍ରାମର ଯୁବକମାନଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଅନେକ ଯୁବକମାନେ ମଧ୍ୟ ଆସି ଏଠାରେ ଯୋଗ ଦେଉଛନ୍ତି। ଏହି ଜିମରେ ସକାଳ ୫ଟାରୁ ୯ଟା ଏବଂ ସନ୍ଧ୍ୟା ୫ଟାରୁ ରାତ୍ର ୯ଟା ଯାଏଁ ଯୁବକ ତଥା ବୟସ୍କମାନେ ଆସିଥାନ୍ତି। ଏହି ଜିମରେ ଯୋଗଦେଇ ବହୁ ଯୁବକ ଏବେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତି ଲାଭ କରୁଛନ୍ତି। କ୍ଲବର ସଭାପତି ରାଜେନ୍ଦ୍ର ପୁଲାକା ଓ ସମ୍ପାଦକ ସୁଶାନ୍ତ ପାଣି ସଂଘର ସଦସ୍ୟମାନଙ୍କୁ ସୁସ୍ଥ ସ୍ୱାସ୍ଥ୍ୟ ହିଁ ମଣିଷର ଅସଲି ସମ୍ପଦ ବୋଲି ବାର୍ତ୍ତା ଦେଉଥିବାବେଳେ ମିରାବାଲି ପଞ୍ଚାୟତର ଯୁବ ସରପଞ୍ଚ ଅଶୋକ ପୁଆଲା ଯୁବକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରୋତ୍ସାହିତ କରି ଆସୁଛନ୍ତି। ଗତ ଏକ ବର୍ଷ ତଳେ ଏହି ଜିମର ଶୁଭାରମ୍ଭ ହୋଇଥିବାବେଳେ ପଞ୍ଚାୟତ ଅନୁଦାନରୁ ୩ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଜିମ୍ ପାଇଁ ଆବଶ୍ୟକ ଉପକରଣ କ୍ରୟ କରାଯାଇଥିବା ନେଇ ସରପଞ୍ଚ ଶ୍ରୀ ପୁଆଲା ପ୍ରକାଶ କରିଛନ୍ତି। ବର୍ତ୍ତମାନ ଏହି ଜିମରେ ପାଖାପାଖି ୬୦ରୁ ଊର୍ଦ୍ଧ୍ୱ ଯୁବକମାନେ ଯୋଗଦେଇଛନ୍ତି। ବ୍ୟସ୍ତବହୁଳ ଜୀବନରେ ଅନେକ ନିଜର ସ୍ୱାସ୍ଥ ପାଇଁ ସମୟ ଦେଇ ନ ପାରି ବିଭିନ୍ନ ରୋଗରେ ପୀଡ଼ିତ ହେଉଥିବାବେଳେ ଜିମକୁ ଯାଇ ବ୍ୟାୟାମ କରିବା ତଥା ଚାଲିବା, ଦୌଡ଼ିବା, ସାଇକଲିଂ କରିବା, ପହଁରିବା, ଯୋଗାଭ୍ୟାସ କରିବା ଭଳି ପରାମର୍ଶକୁ ଅଧିକ ଅନୁସରଣ କରୁଛନ୍ତି। ଯୁବପିଢ଼ୀ ନିଜର ସ୍ୱାସ୍ଥ୍ୟକୁ ଯତ୍ନବାନ କରି ଏକ ସୁନ୍ଦର ସ୍ୱାସ୍ଥ୍ୟ ପାଇପାରିଲେ ଆଗାମୀ ଦିନରେ ସମସ୍ତେ ନିରୋଗ ହୋଇ ଜୀବନଯାପନ କରିବେ ବୋଲି ସରପଞ୍ଚ ଶ୍ରୀ ପୁଆଲା ମତପ୍ରକାଶ କରିଛନ୍ତି।



# ଶିଶୁ ଅଧିକାର ସମ୍ପର୍କିତ ସମନ୍ୱୟ କାର୍ଯ୍ୟକ୍ରମ




**କୋରାପୁଟ,୨୦।୩(ସମିସ):** ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକତା ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ସାମ୍ବାଦିକଙ୍କୁ ନେଇ ଶିଶୁ ଅଧିକାର ସମ୍ପର୍କିତ ସମନ୍ୱୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକତାର ସମ୍ପାଦକ ଜଗନ୍ନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଶମନ୍ତପୁର ବ୍ଲକର ପି. ବେଢ଼ାପଦର, ଲୁଲା ଏବଂ ବୋରିଗୁମ୍ମା ବ୍ଲକର କାଠରଗଡ଼ା, ହରିଡ଼ାଗୁଡ଼ା ପଞ୍ଚାୟତରୁ ଶିଶୁ ସଂସଦ ଦଳ, ଶିଶୁ ସାମ୍ବାଦିକ, ସାଥୀ ଦଳର ଶିଶୁମାନେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସିଏଚ୍ ସାନ୍ତାକାର, 'ସକାଳ' ଖବର କାଗଜର କୋରାପୁଟ ସହର ପ୍ରତିନିଧି ସୁଶାନ୍ତ କୁମାର ମିଶ୍ରଙ୍କ ସମେତ କୋରାପୁଟ ସହରର ସାମ୍ବାଦିକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟତଃ ଶିଶୁମାନଙ୍କର ଅଧିକାରକୁ ନେଇ ରହିଥିବା ବିଭିନ୍ନ ଅସୁବିଧା ଯଥା- ଶିଶୁ ଶ୍ରମିକ, ବାଲ୍ୟବିବାହ, ବିଦ୍ୟାଳୟ ବାହାରେ ଥିବା ଶିଶୁ କିପରି ମୁଖ୍ୟ ସ୍ରୋତକୁ ଆସିପାରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଶିଶୁ ସେମାନଙ୍କର ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ଶିଶୁ ଦଳ ଏବଂ ଅଞ୍ଚଳରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ଏହାର ସଫଳତା, ବିଭିନ୍ନ ଅଭିଜ୍ଞତା ଏହି ସମ୍ମିଳନୀରେ ଶିଶୁମାନଙ୍କ ଦ୍ୱାରା ଉପସ୍ଥାପନା କରାଯାଇଥିଲା। ବାଲ୍ୟବିବାହକୁ ରୋକିବାକୁ ପଦକ୍ଷେପ ନେଇଥିବାବେଳେ ଏଥିନିମନ୍ତେ ସମ୍ମୁଖୀନ ହୋଇଥିବା ସମସ୍ୟା ସମ୍ପର୍କରେ ଶିଶୁମାନେ ଅତି ସୁନ୍ଦର ଭାବେ ଉପସ୍ଥାପିତ କରିଛନ୍ତି। ଶ୍ରେୟା ପ୍ରକଳ୍ପ ଦ୍ୱାରା ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଏଠାରେ ଶିଶୁମାନେ ଉପସ୍ଥାପିତ କରିଥିଲେ। ଶିଶୁମାନଙ୍କ ଦ୍ୱାରା ଉପସ୍ଥାପିତ ବିଭିନ୍ନ ଅଭିଜ୍ଞତାକୁ କିପରି ଆଗାମୀ ଦିନମାନଙ୍କରେ ଶିଶୁମାନଙ୍କ ନେତୃତ୍ୱରେ ଆଗକୁ ସଫଳତା ହାସଲ କରିବା ସେଥିପାଇଁ ଉପସ୍ଥିତ ସାମ୍ବାଦିକଙ୍କ ତରଫରୁ ସୁଚିନ୍ତିତ ମତାମତ ପ୍ରଦାନ କରାଯାଇଥିଲା। ଶିଶୁମାନେ ନିଜ ଅଞ୍ଚଳରେ ହେଉଥିବା ଭଲ ବିଷୟକୁ ଲୋକଲୋଚନକୁ ଆଣିବା ଏବଂ ମନ୍ଦ ବିଷୟକୁ ସମାଧାନ ପାଇଁ ପତ୍ରକାରଙ୍କ ସହଯୋଗ ନେବା ବିଷୟରେ ମତାମତ ଦେଇଥିଲେ। ଏକତା ଅନୁଷ୍ଠାନର ସମ୍ପାଦକ ଜଗନ୍ନାଥ ମିଶ୍ର ପ୍ରକଳ୍ପର ଆରମ୍ଭ ଏବଂ ଉଦ୍ଦେଶ୍ୟକୁ ପ୍ରକାଶ କରିବା ସହିତ ଶିଶୁମାନଙ୍କର ଅଧିକାରର ବିଷୟବସ୍ତୁକୁ ସାମ୍ବାଦିକ ବନ୍ଧୁମାନେ ପ୍ରାଧାନ୍ୟ ଦେବା ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳିକା ମାମିନା ବେହେରା ସମ୍ପାଦନ କରିଥିବାବେଳେ ପ୍ରକଳ୍ପ ସହ ସଂଯୋଜକ ଡମ୍ବରୁଧର ମନ୍ତ୍ରି, ପୁଷ୍ପିତା ହିଆଲ, ବେଣୁଧର ନାୟକ ଏବଂ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

# ବିଧବା ଛୁଆ ଜନ୍ମ କରିବା ଘଟଣା; ଚିହ୍ନଟ ହେଲା ଯୁବକ

**ଦଶମନ୍ତପୁର,୨୦।୩(ସମିସ):** ଦଶମନ୍ତପୁର ବ୍ଲକ ଅଞ୍ଚଳର ଜଣେ ବିଧବା ମହିଳା ୧୦ ତାରିଖରେ ଡାକ୍ତରଖାନାରେ ଛୁଆ ଜନ୍ମ କରିଥିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଥାନା ଅଧିକାରୀ ସୁକୁମା ହାସଦା ନିଜେ ମହିଳାଙ୍କ ପାଖକୁ ଯାଇ ଆଲୋଚନା କରିଥିଲେ। ଜଣେ ବ୍ୟକ୍ତି ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିଥିବା ସୂଚନା ପାଇଥିଲେ। ମହିଳାଙ୍କୁ ଥାନାରେ ଡକାଇ ପଚରାଉଚୁରା କରିଥିଲେ। କିନ୍ତୁ ମହିଳା ଜଣକ ଉକ୍ତ ବ୍ୟକ୍ତିର ନାମ ସର୍ବସାଧାରଣରେ ପ୍ରକାଶ ନ କରିବା ଲାଗି ପୁଲିସକୁ ଅନୁରୋଧ କରି ମା' ଓ ନବ ଜାତକ ସନ୍ତାନର ପ୍ରତିପୋଷଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିବେଦନ କରିଥିଲେ। ଏହାପରେ ପୁଲିସ ପକ୍ଷରୁ ମହିଳାଙ୍କ କହିବା ପ୍ରକାରେ, ସମ୍ପୃକ୍ତ ବ୍ୟକ୍ତିକୁ ଡାକି ପଚରାଉଚରା କରିଥିଲେ। ସେ ଦୋଷ ସ୍ୱୀକାର କରିବା ସହିତ ମା' ଓ ଛୁଆର ପ୍ରତିପୋଷଣ ପାଇଁ ଅର୍ଥ ଯୋଗାଇ ଦେବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ।

# ବିଷାକ୍ତ ଚେରମୂଳି ଖାଇ ଜଣେ ମୃତ; ୨ ଗୁରୁତର

**କୋରାପୁଟ,୨୦।୩(ସମିସ):** ଦଶମନ୍ତପୁର ବ୍ଲକ ଗିର୍ଲିଗୁମା ପଞ୍ଚାୟତର ଛତାଆମ୍ବ ଗାଁରେ ବାହାଘର ଭୋଜି ରୋଷେଇଶାଳାରେ ବିଷାକ୍ତ ଚେରମୂଳି ଖାଇବା ଯୋଗୁଁ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ହେବା ଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଖବର ବିଳମ୍ବରେ ଲୋକଲୋଚନକୁ ଆସିଛି। ସୂଚନା ମୁତାବକ, ପ୍ରାୟ ସପ୍ତାହେ ପୂର୍ବରୁ ଗ୍ରାମର ବାରୁ ମୁଦୁଲିଙ୍କ ଝିଅ ବାହାଘର ଚାଲିଥିଲା । ଏଥିରେ ଗ୍ରାମବାସୀ, ଲନ୍ଦା, ସଲପ ମଦ ପିଇ, ଭୋଜି ଭାତ ରୋଷେଇ କରୁଥିଲେ। ସେହି ସମୟରେ ଗାଁର ଜଣେ ବ୍ୟକ୍ତି ରୋଷେଇଶାଳାକୁ ଆସି ବିଷାକ୍ତ ଚେରମୂଳି ଔଷଧ ତିନି ଜଣ ବ୍ୟକ୍ତିଙ୍କୁ ଖାଇବାକୁ କହିଥିଲେ। ତାଙ୍କ କଥାରେ ନିଶାସକ୍ତ ଅବସ୍ଥାରେ ଥିବା ତିନିଜଣ ତାହା ଖାଇଥିଲେ। ତେବେ ଅଧିକ ପରିମାଣ ଖାଇଥିବା ଦୀପଦ ନାୟକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇ ଜଣ ରକ୍ତବାନ୍ତି କରି ଗୁରୁତର ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଗୁରୁତର ହୋଇ ମୃତ୍ୟୁରୁ ବର୍ତ୍ତି ଥିବା ବ୍ୟକ୍ତିମାନେ ହେଲେ ମଧୁ ମୁଦୁଲି (୪୦) ଏବଂ ସମ୍ବାରୁ ମୁଦୁଲି। ଘଟଣା ସମ୍ପର୍କରେ ପ୍ରଥମେ ଗାଁରେ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା। କିନ୍ତୁ ଆପୋସ ବୁଝାମଣାର ବାଟ ଫିଟି ନଥିଲା। ଫଳରେ ମୃତ ବ୍ୟକ୍ତିଙ୍କ ସ୍ତ୍ରୀ ମରିଚିମତୀ ମୁଦୁଲି ମୁରାନ ଫାଣ୍ଡିକୁ ଯାଇ ଘଟଣା ସମ୍ପର୍କରେ ମୌଖିକ ଭାବେ ଫାଣ୍ଡି ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ଏଥିରେ ଫାଣ୍ଡି ଅଧିକାରୀ ଘଟଣାସ୍ଥଳକୁ ଯାଇ ଗାଁର ୭ ଜଣଙ୍କୁ ଫାଣ୍ଡିକୁ ଆଣି ପଚରାଉଚୁରା କରି ସମସ୍ତଙ୍କୁ ବୁଝାମଣା କରି ଛାଡ଼ିଥିଲେ। କିନ୍ତୁ ଯେଉଁ ବ୍ୟକ୍ତି ବିଷାକ୍ତ ଚେରିମୂଳି ଔଷଧ ଦେଇଥିଲା ତାକୁ ଗିରଫ କରି ନଥିବା ମୃତକଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ସେ ଅସହାୟ ଓ ଗରିବ ତେଣୁ ମାମଲା ଲଢ଼ି ପାରିବେ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକାଙ୍କୁ ଯୋଗାଯୋଗ କରିବାରୁ ଫାଣ୍ଡିରେ କୌଣସି ଏତଲା ଆସି ନାହିଁ ବୋଲି ପ୍ରକାଶ କରିଛନ୍ତି। ମୃତକଙ୍କ ସ୍ତ୍ରୀ ଅତି ଗରିବ ଓ ସହାୟତା ପାଇଁ କେହି ନଥିବାରୁ ଫାଣ୍ଡି ବାବୁ ଘଟଣା ଚପାଇ ଦେବାକୁ ଉଦ୍ୟମ କରୁଥିବା ସାଧାରଣରେ ଆଲୋଚନା ହେଉଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ମୃତ ଦୀପଦ ନାୟକଙ୍କ ପରିବାରକୁ ନ୍ୟାୟ ଦେବାକୁ ଦାବି ହେଉଛି।

**● ଘଟଣା ଚପାଇ ଦେବାକୁ ଫାଣ୍ଡିବାବୁଙ୍କ ଉଦ୍ୟମ ଅଭିଯୋଗ**

# ମା' ଗର୍ଭରାଇ ପୀଠରେ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା



**ମୈଦଲପୁର,୨୦।୩(ସମିସ)**

ବୋହୂ ପୁରାତନ ଐତିହାସିକ ମା' ଗର୍ଭରାଇ ଶୈବପୀଠ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତ ସ୍ଥିତ ମା' ଗର୍ଭରାଇ ପୀଠରେ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରଥମ ଦିନରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସକାଳ ୭ଟାରୁ ରତ୍ନମୁଦ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ବିଭିନ୍ନ ଅଞ୍ଚଳର ୧୦ଟି ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ଏହି ଅବସରରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠାର ତୃତୀୟ ଦିନ ଅପରାହ୍ଣରେ ପୁରୋହିତ ଶ୍ରୀ ତ୍ରିପାଠୀ ମନ୍ଦିର ପ୍ରତିଷ୍ଠା ବିଧିବିଧାନ ଅନୁଯାୟୀ ସମ୍ପୂର୍ଣ୍ଣ କରି ପୂର୍ଣ୍ଣାହୁତି ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲା ରାଜପୁରୋହିତ ନୃସିଂହ ତ୍ରିପାଠୀ ଯୋଗଦେଇଥିଲେ। ଅନ୍ୟପଟେ ବିକ୍ରମପୁର ଗ୍ରାମର ପୁରୋହିତ ପଞ୍ଚାନନ ତ୍ରିପାଠୀଙ୍କ ସହ ୬ ଜଣ ପୁରୋହିତ କାର୍ଯ୍ୟ କରୁଛନ୍ତି। ମା' ଗର୍ଭରାଇ ପୀଠର ନୀଳକଣ୍ଠେଶ୍ୱର ମନ୍ଦିରର ପୂଜକ ପ୍ରଶାନ୍ତ ପତି, ଦନୁର୍ଯ୍ୟ ପୂଜାରୀ, ଭୁଜବଳ ପୂଜାରୀ, ଲୋଚମନ ପୂଜାରୀ ସହଯୋଗ କରିଥିଲେ। ତିନି ଦିନ ଧରି ଚାଲିଥିବା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ, ନବରଙ୍ଗପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ପାପଡ଼ାହାଣ୍ଡି ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟା ସୁଶ୍ରୀ ଡ. ଲିପିକା ମାଝୀ ଯୋଗଦେଇଥିଲେ। ନୀଳକଣ୍ଠେଶ୍ୱର ମନ୍ଦିର କମିଟି ସଭାପତି କେ. ଶ୍ୟାମ ବାବୁ ପାତ୍ର, ସମ୍ପାଦକ କୁଶ ଗୌଡ଼, ଡମ୍ବୁ ପ୍ରଧାନ, ରାମ ବାବୁ, ହେମଧର ମାଝୀ, କ୍ଷୀରୋଦ ମିର୍ଗାନ, ସରୋଜ ଚନ୍ଦ୍ର ଜାଲ, ଲକି ନାଥ ମାଝୀ, ମହେନ୍ଦ୍ର ବାଘ, ମିଟୁ ଗୌଡ଼, ଲୋକନାଥ ମିର୍ଗାନ ପରିଚାଳନା କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଅଞ୍ଚଳର ୨୦ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ। କମିଟି ତରଫରୁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମୈଦଲପୁର ପୁଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।

# ସାରସ୍ୱତ ବାଲ୍ ମନ୍ଦିରର ସପ୍ତଦଶ ବାର୍ଷିକ ଉତ୍ସବ




**ଜୟପୁର,୨୦।୩(ସମିସ):** ଜୟପୁର ଜୟନଗର ସ୍ଥିତ ସାରସ୍ୱତ ବାଲ୍ ମନ୍ଦିରର ସପ୍ତଦଶ ବାର୍ଷିକ ଉତ୍ସବ ବୁଧବାର ଆଡ଼ମ୍ବରରେ ପାଳନ କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ପ୍ରାର୍ଥନା ପରେ ଛାତ୍ରଛାତ୍ରୀମାନେ ଶାରୀରିକ ଆସନ ବ୍ୟାୟାମ ଏବଂ ପ୍ରଣାୟାମ ପ୍ରଦର୍ଶନ କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ସହିତ ଅନୁଷ୍ଠାନର ଉପସଭାପତି ନବୀନ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଜୟ ମିଶ୍ର, ମୁଖ୍ୟବକ୍ତା ଭାବେ ଉଦୟ ଶଙ୍କର ଜାନି ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ରିତାଲି ସାହୁ, ପୂର୍ବତନ ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ପାଣିଗ୍ରାହୀ ଏବଂ ପ୍ରଧାନଶିକ୍ଷକ ଦିଲ୍ଲୀପ ପଣ୍ଡା ମଞ୍ଚରେ ଉପସ୍ଥିତ ଥିଲେ। ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ସଭାରେ ଛାତ୍ରଛାତ୍ରୀମାନଙ୍କୁ ଫ୍ୟାନ୍ସି ଡ୍ରେସ୍, କ୍ରୀଡ଼ା ଏବଂ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, ନାଟକକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଅଙ୍ଗନବାଡ଼ି କେନ୍ଦ୍ରରେ ପାଣି ପାଇଁ ହନ୍ତସନ୍ତ କୋମଳମତି ପିଲା

# ମାସେ ପରେ ବି ମରାମତି ହୋଇପାରୁନି ନଳକୂଅ





**ନବରଙ୍ଗପୁର/ନନ୍ଦାହାଣ୍ଡି,୨୦।୩(ସମିସ):** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ମେଣ୍ଡ୍ରି ଗ୍ରାମ ପଞ୍ଚାୟତର ବାଡ଼ିଗୁଡ଼ା ଗ୍ରାମର ଅଙ୍ଗନବାଡ଼ି-୨ କେନ୍ଦ୍ରରେ ଦେଖାଦେଇଛି ପାଣି ସମସ୍ୟା। କେନ୍ଦ୍ର ପରିସରରେ ଥିବା ନଳକୂଅ ଅଚଳ ହୋଇ ଏକ ମାସ ବିତିଥିଲେ ମଧ୍ୟ ତାହା ମରାମତି ହୋଇପାରିନାହିଁ। ଫଳରେ ଶିଶୁମାନେ ପିଇବା ପାଣି ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଗ୍ରାମରେ ଦୁଇଟି ଅଙ୍ଗନବାଡ଼ି କେନ୍ଦ୍ର ରହିଥିବାବେଳେ ମେଣ୍ଡ୍ରି-୩ କେନ୍ଦ୍ର ନୂତନ ଗୃହ ନିର୍ମାଣ ଚାଲୁଥିବାରୁ ବାଦିଗୁଡ଼ା-୨ ଓ ମେଣ୍ଡ୍ରି-୩ର ମୋଟ ୬୦ ଜଣ ଶିଶୁ ବର୍ତ୍ତମାନ ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ରରେ ପଢୁଛନ୍ତି। ସରକାରଙ୍କ ପକ୍ଷରୁ ଶିଶୁମାନଙ୍କ ପାଇଁ ଅନେକ ଯୋଜନା ସହିତ ବହୁ ଟଙ୍କା ଖର୍ଚ୍ଚ କରି ପୋଷାକ, ପୁଷ୍ଟିକର ଖାଦ୍ୟ, ପାନୀୟ ଜଳର ବ୍ୟବସ୍ଥା, ଶୈଶବ ଅବସ୍ଥାରୁ ପାଠପଢ଼ା ଇତ୍ୟାଦି ପାଇଁ ଅଙ୍ଗନବାଡ଼ି କେନ୍ଦ୍ରରେ ବ୍ୟବସ୍ଥା କରାଯାଉଛି। କିନ୍ତୁ ଶିଶୁମାନେ ଅଙ୍ଗନବାଡ଼ି କେନ୍ଦ୍ରରେ ପାଠ ପଢ଼ିବାକୁ ଯାଇ ବର୍ତ୍ତମାନ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଖାଦ୍ୟର ବ୍ୟବସ୍ଥା ସହିତ ସମସ୍ତ ବ୍ୟବସ୍ଥା ଠିକ୍ ରହିଥିବାବେଳେ ପାନୀୟ ଜଳର ସମସ୍ୟା ବର୍ତ୍ତମାନ ରହୁଛି। ଯାହାଦ୍ୱାରା ରୋଷେଇ ପାଇଁ ବହୁ ଦୂରରୁ ପାଣି ଆଣିବାକୁ ପଡ଼ିଛି ଏବଂ ବହୁ ଅସୁବିଧା ହେଉଥିବାବେଳେ କୁନି କୁନି ଶିଶୁମାନେ ପିଇବା ପାଣି ପାଇଁ ମଧ୍ୟ ଅସୁବିଧା ଭୋଗୁଛନ୍ତି। ଏଭଳି କ୍ଷେତ୍ରରେ ଶିଶୁ ପ୍ରକଳ୍ପ ବିଭାଗ ଏହି କେନ୍ଦ୍ର ବିଷୟରେ ସବୁ ଜାଣି କିପରି ପାନୀୟ ଜଳର ବ୍ୟବସ୍ଥା କରୁନାହାନ୍ତି ବୋଲି ସାଧାରଣରେ ପ୍ରଶ୍ନ କରିଛନ୍ତି। ଏହି ବିଷୟରେ ନନ୍ଦାହାଣ୍ଡି ବ୍ଲକ୍ ଆରଡବ୍ଲ୍ୟୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ (୨) ପ୍ରବୀଣ ଲୁଗୁନଙ୍କୁ ପଚାରିବାରୁ ଏହି ବିଷୟରେ ମୁଁ ପୂର୍ବରୁ ଜାଣି ନ ଥିଲି ବୋଲି କହିବା ସହ ଗୁରୁବାର ଏହାର ସମ୍ପୂର୍ଣ୍ଣ ମରାମତି କରାଯିବ ଏବଂ ସମସ୍ତେ ପିଇବା ପାଣି ପାଇବେ ବୋଲି କହିଛନ୍ତି।

# ଓୟୁଜେ ସ୍କୁଲ ଅଫ୍ ଜର୍ଣ୍ଣାଲିଜମ୍‌ର ଅଧ୍ୟକ୍ଷ ଭାବେ ଅଜୟ ସାହୁ ମନୋନୀତ



ସେମିଳିଗୁଡ଼ା,୨୦।୩(ସମିସ)

କୋରାପୁଟ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଅଜୟ ସାହୁ ଓୟୁଜେ ସ୍କୁଲ ଅଫ୍ ଜର୍ଣ୍ଣାଲିଜମର ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଯାଜପୁର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ମନୋନୀତ ବିଷୟ ନେଇ ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ଘୋଷଣା କରିଛନ୍ତି। ଶ୍ରୀ ସାହୁ ଓୟୁଜେର ଅନୁବନ୍ଧିତ କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘର ଦୁଇ ଥର ସାଧାରଣ ସମ୍ପାଦକ, ଦୁଇଥର ସଭାପତି, ଦୁଇଥର ଓୟୁଜେ ଆଞ୍ଚଳିକ ସମ୍ପାଦକ, ଦୁଇ ଥର ରାଜ୍ୟ ସାଧାରଣ ସମ୍ପାଦକ ଓ ଦୁଇଥର ରାଜ୍ୟ ଉପସଭାପତି ଦାୟିତ୍ୱ ସଫଳତାର ସହ ତୁଲାଇଛନ୍ତି। ଶ୍ରୀ ସାହୁ ଓୟୁଜେ ସ୍କୁଲ ଅଫ୍ ଜର୍ଣ୍ଣାଲିଜମର ଅଧ୍ୟକ୍ଷ ଭାବେ ମନୋନୀତ ହେବା ପରେ ଗୁଣାତ୍ମକ ସାମ୍ବାଦିକତା, ନିର୍ବାଚନ ଓ ସାମ୍ବାଦିକତା, ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତା ଆଦି ବିଭିନ୍ନ ବିଷୟରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ କର୍ମଶାଳା କରି ସାମ୍ବାଦିକତା ସହ ସଂଗଠନର କଳେବର ବୃଦ୍ଧି ଦିଗରେ କାମ କରିବେ ବୋଲି କହିଛନ୍ତି। ମନୋନୀତ ହୋଇଥିବା ଶ୍ରୀ ସାହୁଙ୍କୁ ବିଭିନ୍ନ ବ୍ୟକ୍ତି ଓ ସଂସ୍ଥା ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

## ସରକାରୀ ଜମିକୁ ଜବରଦଖଲ ଅଭିଯୋଗ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

କୋରାପୁଟ,୨୦।୩(ସମିସ)

କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ୍ ବେଦାପୁଟ ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁରକୁଟି, ଚିକିମା ଓ ମାଳିଗୁଡ଼ା ଗ୍ରାମର ଗ୍ରାମବାସୀ ତାଙ୍କ ଗ୍ରାମରେ ଥିବା ସରକାରୀ ଜମିକୁ ଜବରଦଖଲ କରାଯାଇଥିବା ଅଭିଯୋଗ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ୩ଟି ଗ୍ରାମର କୃଷକମାନଙ୍କ ବ୍ୟବହାର ପାଇଁ ସଂରକ୍ଷିତ ଥିବା ସରକାରୀ ଜମିକୁ କୁରକୁଟି ଗ୍ରାମର ପଦଲାମ ଖରା ନାମକ ଜଣେ ବ୍ୟକ୍ତି ବାଡ଼ ବୁଜି ପାଚେରି ନିର୍ମାଣ ସହ ଘର ଆରମ୍ଭ କରିଛି। ଗ୍ରାମବାସୀଙ୍କ ତରଫରୁ ତାଙ୍କୁ ବାରମ୍ବାର ମନା କରାଯାଇଥିବାବେଳେ ଗ୍ରାମସଭାରେ ସେହି ଜମିକୁ ଛାଡ଼ିବା ପାଇଁ କୁହାଯାଇଥିଲେ ମଧ୍ୟ ସେ ଗ୍ରାମବାସୀମାନଙ୍କ କଥାକୁ ଭ୍ରୂକ୍ଷେପ କରୁ ନ ଥିବା କର୍ଣ୍ଣ ଖରା କହିଛନ୍ତି। ସେ ଖଳ ପ୍ରକୃତିର ବ୍ୟକ୍ତି ହୋଇଥିବାରୁ ଗ୍ରାମବାସୀଙ୍କୁ ଧମକଚମକ ଦେଉଥିବା ସେ ଅଭିଯୋଗ କରିଛନ୍ତି। ଉଚିତ୍ ତଦନ୍ତ ସହ ସରକାରୀ ଜମିକୁ ଜବରଦଖଲମୁକ୍ତ କରିବା ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏହାଛଡ଼ା କୁରକୁଟି ଗ୍ରାମରେ ଥିବା ଜଙ୍ଗଲ ଓ ପାହାଡ଼କୁ ବଳିଗୁଡ଼ା ଗ୍ରାମର ସୁରେନ୍ଦ୍ର ପ୍ରଧାନୀ ନାମକ ଜଣେ ବ୍ୟକ୍ତି ନିଲାମ ସୂତ୍ରରେ ନେଇ ପଥରଖାଦାନରୁ ପଥର ଉଠାଇବା ପାଇଁ ବିସ୍ଫୋରଣ କରୁଛନ୍ତି।




ପ୍ରତିଦିନ ବିସ୍ଫୋରଣ ହେବା କାରଣରୁ ଗାଁରେ ଥିବା ଜଙ୍ଗଲର ଗଛଗୁଡ଼ିକ ନଷ୍ଟ ହେଉଥିବା ଗ୍ରାମବାସୀଙ୍କ ସହିତ ଗ୍ରାମ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ପାହାଡ଼ ନିକଟରେ ୩ଟି ଗ୍ରାମ ଥିବାରୁ ବିସ୍ଫୋରଣ ଯୋଗୁଁ ଘରକାନ୍ଥ ଫାଟି ଯାଉଥିବା ଗ୍ରାମବାସୀମାନେ କହିଛନ୍ତି। ଏହାଛଡ଼ା କେନାଲ କାନ୍ଥ ଫାଟିଯିବାରୁ ଘାଇ ସୃଷ୍ଟି ହେଉଛି; ଯାହାଦ୍ୱାରା ଚାଷଜମିରେ ଜଳସେଚନରେ ବାଧା ସୃଷ୍ଟି ହେଉଛି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ତେଣୁ ଯଥାଶିଘ୍ର ପଥର ଖାଦାନକୁ ବନ୍ଦ କରିବା ପାଇଁ ବେଦାପୁଟ ଗ୍ରାମ ପଞ୍ଚାୟତର ସରପଞ୍ଚ, ସଭ୍ୟ/ସଭ୍ୟାଙ୍କ ସମେତ ଶତାଧିକ ଜନସାଧାରଣ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

# ନୂତନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**କୋରାପୁଟ,୨୦।୩(ସମିସ):** ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ଅଭିଯାନ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଡ. ପ୍ରଶାନ୍ତ କୁମାର ମହାନ୍ତିଙ୍କୁ କୋରାପୁଟ ଜିଲ୍ଲା ଓଡ଼ିଶା ସରକାରୀ ହାଇସ୍କୁଲ (ମାଧ୍ୟମିକ) ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ସଂଘ, କୋରାପୁଟ ଜିଲ୍ଲା ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଂଘର କର୍ମକର୍ତ୍ତା ସର୍କିଟ ହାଉସରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଉପଢୌକନ ସହ ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରି ଶାବର ଶ୍ରୀକ୍ଷେତ୍ର କୋରାପୁଟକୁ ସ୍ୱାଗତ କରିଛନ୍ତି। ଏକ ଘଣ୍ଟାର ଆଲୋଚନାରେ କିଭଳି ଜିଲ୍ଲାର ଶିକ୍ଷାର ସ୍ତରକୁ ଜାତୀୟସ୍ତରରେ ଆଗକୁ ନେଇହେବ, ନୂତନ ପଦକ୍ଷେପ ନେଇ ଦଶମ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ସଫଳତାର ହାର କିଭଳି ବୃଦ୍ଧି ହେବ ଓ ନବମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଅଧିକ ଗୁରୁତ୍ୱ ଦେଇ ସେମାନଙ୍କୁ ଦଶମ ଶ୍ରେଣୀ ପାଇଁ ପ୍ରସ୍ତୁତ କରିବା ଆଦି ଆଲୋଚନା ହୋଇଥିଲା। ଏଥିରେ ଜିଲ୍ଲା ସଂଘ ସଭାପତି ଆଶିଷ କୁମାର ମହାନ୍ତି, ସମ୍ପାଦକ ସିଦ୍ଧାର୍ଥ ଶଙ୍କର ମହାପାତ୍ର, ଉପସଭାପତି ଗୋରାଚାନ୍ଦ ତ୍ରିପାଠୀ, ବି. ନଳିନୀ କୁମାର, ମନୋଜ କୁମାର ପ୍ରଧାନ, ଦେବାଶିଷ ପ୍ରଧାନ, ସିଦ୍ଧାର୍ଥ ଗନ୍ତାୟତ, ସରୋଜ ପଟ୍ଟନାୟକ, ରମାକାନ୍ତ ମାଝୀ, ସୁମିତ କୁମାର ଖରା, ଜିଲ୍ଲା ସଂଘ ଉପଦେଷ୍ଟା ତଥା ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅନନ୍ତ କୁମାର ଦଳପତି ଓ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଦୁଇ ଅଭିଯୁକ୍ତଙ୍କୁ ପଳାତକ ଘୋଷଣା କଲେ ଏସ୍‌ଡିଜେଏମ୍ ଅଦାଲତ

**ରାୟଗଡ଼ା,୨୦।୩(ସମିସ):** ଜିଲ୍ଲା ଏସଡିଜେଏମ ଅଦାଲତ ପକ୍ଷରୁ ରାୟଗଡ଼ା ଥାନା ଅନ୍ତର୍ଗତ ବେହେରା କଲୋନୀ ଏବଂ ପାଇକସାହିରେ ଘଟିଥିବା ଦୁଇଟି ଚୋରି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଅଭିଯୁକ୍ତଙ୍କୁ ପଳାତକ ଘୋଷଣା କରାଯାଇଛି। ଅଦାଲତଙ୍କ ଜାଗାରେ ନୋଟିସ୍ ଜାରି କରାଯାଇଛି। ସୂଚାନାନୁଯାୟୀ, ଗତ ୨୦୦୯ ଅଗଷ୍ଟ ୨୬ତାରିଖରେ ପାଇକ ସାହିର କିନ୍ତାଲୁ ରମେଶ ନାମକ ବ୍ୟକ୍ତି ନିଜ ଘରେ ଚୋରି ହୋଇଥିବା ନେଇ ରାୟଗଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ରାୟଗଡ଼ା ଥାନା ପକ୍ଷରୁ ତଦନ୍ତ କରାଯାଇ



➤ ୩୦ ଦିନରେ ହାଜର ନ ହେଲେ ବାଜ୍ୟାପ୍ତ ହେବ ସମ୍ପତ୍ତି

ଏହି ନିର୍ଦ୍ଦେଶ ପରେ ରାୟଗଡ଼ା ଉପଖଣ୍ଡ ପୁଲିସ ଅଧିକାରୀ ରଶ୍ମୀରଞ୍ଜନ ସେନାପତି ଓ ଥାନା ଅଧିକାରୀ କମଳକାନ୍ତ ବସନ୍ତ କୁମାର କହଁରଙ୍କ ଉପସ୍ଥିତିରେ ଦୁଇ ଅଭିଯୁକ୍ତଙ୍କ ବାସଗୃହରେ ଓ ଜନସମାଗମ ଘଟଣାରେ ସମ୍ପୃକ୍ତ ଥିବା ରେଲିସାହିର ଶୁଣ୍ଡି ଆକାଶ ଓରଫ ପ୍ରକାଶକୁ ପୁଲିସ ଧରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଉକ୍ତ ଦିନଠାରୁ ପ୍ରକାଶ ଗ୍ରାମ ଛାଡ଼ି କେଉଁଆଡ଼େ ପଳାୟନ କରିଛି। ତେଣୁ



ଏସଡିଜେଏମ ଅଦାଲତ ଅଭିଯୁକ୍ତ ପ୍ରକାଶ ବିରୁଦ୍ଧରେ ଜିଆର ୩୫୩/୦୯ ଅନୁଯାୟୀ ଜାମିନବିହୀନ ଗିରଫ ପରୱାନା ଜାରି କରିବା ସହିତ ତାକୁ ପଳାତକ ଘୋଷଣା କରିଛନ୍ତି। ସେହିପରି ରାୟଗଡ଼ା ଥାନା ଅନ୍ତର୍ଗତ ବେହେରା କଲୋନୀର ବାସିନ୍ଦା ଅମୂଲ୍ୟ ରତ୍ନ ସାହୁଙ୍କ ଲିଖିତ ରିପୋର୍ଟ ଅନୁଯାୟୀ ଉକ୍ତ ସାହିର ଦୁରେନ କୁଲେସିକା ନାମରେ ଏକ ଚୋରି ମାମଲା ରୁଜୁ କରାଯାଇଥିଲା। ଏହି ଘଟଣାରେ ଅଭିଯୁକ୍ତ ଦୁରେନ ସମ୍ପୃକ୍ତ ଥିବାରୁ ଘଟଣା ଦିନଠାରୁ ଗ୍ରାମ ଛାଡ଼ି ସେ ମଧ୍ୟ କେଉଁଆଡ଼େ ପଳାୟନ କରିଥିଲା। ତେଣୁ ଅଭିଯୁକ୍ତ ଦୁରେନ କୁଲେସିକାଙ୍କ ବିରୁଦ୍ଧରେ ଜିଆର ୨୭୩/୧୫ଅନୁଯାୟୀ ଜାମିନବିହୀନ ଗରିଫ ପରୱାନା ଜାରି କରିବା ସହିତ ପଳାତକ ଘୋଷଣା କରାଯାଇଛି। ଏହି ଦୁଇଟି ଘୋଷଣାରେ ଦର୍ଶାଯାଇଛି ଯେ ଘୋଷଣାର ୩୦ଦିନ ମଧ୍ୟରେ ଉକ୍ତ ଦୁଇ ଅଭିଯୁକ୍ତ ରାୟଗଡ଼ା ଥାନା କିମ୍ବା ଏସଡିଜେଏମ କୋର୍ଟରେ ହାଜର ନ ହେବେ ତେବେ ସେମାନଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତି ବାଜ୍ୟାପ୍ତ କରାଯିବ ବୋଲି ଉଲ୍ଲେଖ କରାଯାଇଥିବା ନେଇ ଥାନା ଅଧିକାରୀ ଶ୍ରୀ କହଁର ପ୍ରକାଶ କରିଛନ୍ତି।

# ଅବକାରୀ ବିଭାଗର ଚଢ଼ଉ; ଜଣେ ଗିରଫ

**ପାପଡ଼ାହାଣ୍ଡି,୨୦।୩(ସମିସ):** ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ତୁମ୍ବର୍ଲାଠାରେ ବୁଧବାର ଅବକାରୀ ପୁଲିସ ତରଫରୁ ଧରପଗଡ଼ ହୋଇଛି। ଏହି ଚଢ଼ଉ ସମୟରେ ଅବକାରୀ ପୁଲିସ ଜଣକୁ ଗିରଫ କରିଛନ୍ତି। ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧୀକ୍ଷକ ଅଭିରାମ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଅବକାରୀ ଇନ୍ସପେକ୍ଟର



ଦିଲ୍ଲୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ପାପଡ଼ାହାଣ୍ଡି ଅବକାରୀ ଅଧିକାରୀ ଦେଶରାଜ ସୁନାଙ୍କ ନେତୃତ୍ୱରେ ତୁମ୍ବର୍ଲାଠାରେ ଏହି ଚଢ଼ଉ କରାଯାଇଥିଲା। ଈଶ୍ୱର ଯାନୀଙ୍କଠାରୁ ୯ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଏକ ମାମଲା ରୁଜୁ କରି ଗିରଫ କରାଯାଇଥିଲା। ଏହି ଚଢ଼ଉରେ ଏଏସ୍ଆଇ ସନୁ ସେଠିଆ, କନଷ୍ଟେବଳ ଉତ୍ତମ ମହାଙ୍କୁଡ଼, ଗୋଡୁଲ ନାୟକ, କାଳୀମଣୀ ମୁଦୁଲି ପ୍ରମୁଖ ସାମିଲ ଥିଲେ।

# କୋଷାଗୁମୁଡ଼ା ପଞ୍ଚାୟତ ସମିତିରେ ସମ୍ବର୍ଦ୍ଧନା ସଭା



**କୋଷାଗୁମୁଡ଼ା,୨୦।୩(ସମିସ):** ବୁଧବାର କୋଷାଗୁମୁଡ଼ା ପଞ୍ଚାୟତ ସମିତି ସଭାଗୃହ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ଭାବେ ଯୋଗଦେଇଥିବା ମୋଟ ୨୧ ଜଣ ଆକାଉଣ୍ଟାଣ୍ଟ ତଥା ଡିଇଓମାନଙ୍କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀଙ୍କ ନିର୍ଦ୍ଦେଶ ପ୍ରକାରେ ସ୍ୱାଗତ ସମ୍ବର୍ଦ୍ଧନା ଓ ବଦଳି ହୋଇଥିବା ଡିଇଓଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରତିଷ୍ଠାନ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ତଥା ଭାରପ୍ରାପ୍ତ ମୁଖ୍ୟ କିରାଣି ସୁରେନ୍ଦ୍ର ମୋହନ ଦାସ ଅଧ୍ୟକ୍ଷତା କରିଥିବାବେଳେ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଗିରିଜା ଶଙ୍କର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ କୋଷାଗୁମୁଡ଼ା ବ୍ଲକ୍ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ ଯୋଗଦେଇଥିବା ବେଳେ ଜିପିଇଓ ତ୍ରିଲୋଚନ ଛଞ୍ଚାଣ, ଆରଡବ୍ଲୁଏସ୍ଏସ୍ ଏଇ ଅମରେଶ ନାୟକ, ସହକାରୀ ଯନ୍ତ୍ରୀ ଏଏଫଓ ଗିରିଜା ଶଙ୍କର ପଟ୍ଟନାୟକ, ସେକ୍ସନ ଅଫିସର ଜୟପ୍ରକାଶ ଦିଶାରୀ ଏବଂ ଚେୟାରମ୍ୟାନଙ୍କ ପ୍ରତିନିଧି ମୋହନ ମାଝୀ ଥିଲେ। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ମୁଖ୍ୟ କିରାଣି ସୁରେନ୍ଦ୍ର ମୋହନ ଦାସ ସମସ୍ତଙ୍କୁ ପ୍ରତ୍ୟେକ ଦିନ ସଠିକ୍ ସମୟରେ ଆସି ସୁଚାରୁ ରୂପେ କାର୍ଯ୍ୟ ତୁଲାଇବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତ ପୂର୍ବତନ ଡିଇଓଙ୍କୁ ବିଦାୟ ସମ୍ବର୍ଦ୍ଧନା ଭାବରେ ଉପଢୌକନ, ଚକୋଲେଟ ଉପହାର ସହ ପୁଷ୍ପଗୁଚ୍ଛ ଦେଇଥିଲେ। ସେହିପରି ନୂତନ ଡିଇଓ ଏବଂ ପିଇଓଙ୍କୁ ପୁଷ୍ପଗୁଚ୍ଛ, ଉପହାର, ଚକୋଲେଟ, ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ଗାନ୍ଧୀନଗର ଅଙ୍ଗନବାଡ଼ି କେନ୍ଦ୍ରରେ ସ୍ୱାସ୍ଥ୍ୟ ଶିବିର

**ସେମିଳିଗୁଡ଼ା,୨୦।୩(ସମିସ):** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସ୍ଥିତ ଗାନ୍ଧୀନଗର ଅଙ୍ଗନବାଡ଼ି କେନ୍ଦ୍ର ସୁନାବେଡ଼ା ଓ ସେମିଳିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଏକ ମିଳିତ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସୁନାବେଡ଼ା ପୌରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅଭିଷେକ ରାଉତ ଓ ସେମିଳିଗୁଡ଼ାର ବିଲେଇଗୁଡ଼ା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ଡା. କୃଷ୍ଣ ଚନ୍ଦ୍ର ପରିଡ଼ା ଯୋଗଦେଇ ବିଭିନ୍ନ ସଂକ୍ରାମକ ଓ ଅଣସଂକ୍ରାମକ ରୋଗର ପରୀକ୍ଷା ସହ ରୋଗୀମାନଙ୍କର ରକ୍ତଚାପ, ମଧୁମେହ ପରୀକ୍ଷଣ କରିଥିଲେ। କର୍କଟ ରୋଗର ଚିହ୍ନଟ ଓ ସଚେତନତା କରାଯିବା ସହ ଆବଶ୍ୟକତା ଅନୁସାରେ ସ୍କାନ୍ ମଧ୍ୟ କରାଯାଇ ସମସ୍ତ ରୋଗୀଙ୍କୁ ବିନା ମୂଲ୍ୟରେ ଔଷଧ ପ୍ରଦାନ କରାଯାଇଥିଲା। ପାଖାପାଖି ୧୫୦ ଜଣ ରୋଗୀଙ୍କ ପରୀକ୍ଷା ଓ ଚିକିତ୍ସା କରାଯାଇଥିଲା। ଏହି ଶିବିରରେ ସେମିଳିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଭୁବନେଶ୍ୱର ଦାସ, ଏଲ୍ଏଚଭି ଜ୍ୟୋତିର୍ମୟୀ ଦାସ, ସ୍ୱାସ୍ଥ୍ୟକର୍ମୀ ସୁଷମା ପରମାଣିକ, ତପସ୍ୱିନୀ ବେହେରା, ଅଲତା ପାମିଆ, ଆଇଟି ଦେବଦର୍ଶିନୀ ସାହୁ, ଷ୍ଟାଫ୍ ନର୍ସ ତନୁଶ୍ରୀ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ରହି ସ୍ୱାସ୍ଥ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରେସ୍ କ୍ଲବ୍ ଗୁଣୁପୁର ପକ୍ଷରୁ ବନ୍ଧୁମିଳନ

**ଗୁଣୁପୁର,୨୦।୩(ସମିସ):** ରାୟଗଡ଼ା ଜିଲ୍ଲା ଗୁଣୁପୁର ସ୍ଥିତ ସର୍ବପୁରାତନ ସାମ୍ବାଦିକ ସଂଗଠନ ପ୍ରେସ କ୍ଲବ୍ ଗୁଣୁପୁର ପକ୍ଷରୁ ବୁଧବାର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ଲବର ସଭାପତି ଦେବେନ୍ଦ୍ର କୁମାର ଚୌଧୁରୀଙ୍କ ଆହ୍ୱାନ କ୍ରମେ ଏହି ବନ୍ଧୁମିଳନ ହୋଇଥିଲା। ପ୍ରେସ କ୍ଲବର ସୌନ୍ଦର୍ଯ୍ୟକରଣ ହେବା ପରେ ବୁଧବାର କ୍ଲବ ପରିସରରେ ଏକ ହୋମ ଓ ପୂଜାପାଠ କରାଯାଇଥିଲା। ପରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗାମୀ ସାଧାରଣ ନିର୍ବାଚନରେ ଗଣମାଧ୍ୟମର ଭୂମିକା ଯଥେଷ୍ଟ ଗୁରୁତ୍ୱ ରହିଛି, ତେଣୁ ପ୍ରତ୍ୟେକ ସଭ୍ୟ ନିର୍ବାଚନ କମିଶନରଙ୍କ ନିୟମ କାନୁନକୁ ମାନି ନିରପେକ୍ଷ ଭାବେ ଖବର ପରିବେଷଣ ନେଇ ଆଲୋଚନା ହୋଇଥିଲା। ଏହା ସହ ବିଭିନ୍ନ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ଓ କ୍ଲବର ସାମ୍ବାଦିକମାନଙ୍କର ସୁବିଧା ଓ ଅସୁବିଧା ବିଷୟରେ ଆଲୋଚନା ହୋଇଥିଲା। ଏଥିରେ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ପାଢ଼ୀ, ସମ୍ପାଦକ ରାଧାକୃଷ୍ଣ ପଟ୍ଟନାୟକ, ପରାମର୍ଶଦାତା ପି. ନାଗଭୂଷଣ ରାଓ, ବରିଷ୍ଠ ସାମ୍ବାଦିକ କେ. ସୋମେଶ୍ୱର ରାଓ, ଏସ୍ ଶିବାଜୀ, ବିଜୟ ସୁନାମୁଦୀ, ଗୌରାଙ୍ଗ ପାଣିଗ୍ରାହୀ, ଇନ୍ଦ୍ରଜିତ ପଣ୍ଡା, ରବୀନ୍ଦ୍ର ମହାପାତ୍ର, ଜନାର୍ଦ୍ଦନ ମହାପାତ୍ର, ବି ସତୀଶ କୁମାର, ରାଜେଶ ପାଢ଼ୀ, ଚିନ୍ମୟ ପାଣିଗ୍ରାହୀ, ରାକେଶ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।




# ୨୧ କିଲୋ ଗଞ୍ଜେଇ ଜବତ; ବ୍ୟବସାୟୀ ଗିରଫ




**ଜୟପୁର,୨୦।୩(ସମିସ):** କୋରାପୁଟ ଜିଲ୍ଲା ଜୟପୁରର ସହରର ଇନ୍ଦିରା ଛକ ନିକଟରେ ଗଞ୍ଜେଇ ଚାଲାଣ ବେଳେ ଜଣେ ଖୁଚୁରା ଗଞ୍ଜେଇ ବ୍ୟବସାୟୀକୁ ଜୟପୁର ଟାଉନ୍ ଥାନା ପୁଲିସ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛି। ମଙ୍ଗଳବାର ସନ୍ଧ୍ୟାରେ ଏକ ବାଇକ୍ ଯୋଗେ ସ୍ଥାନୀୟ କେବିଏସଡି ରୋଡ୍ ଜଗଦୀଶ ଚନ୍ଦ୍ର ନାୟକ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ବାସିନ୍ଦା ସେକ୍ ଆକବର (୨୫) ଏକ ପଲସର ବାଇକରେ ଜରି ବସ୍ତାରେ ୨୧ କିଲୋ ଗଞ୍ଜେଇ ଖୁଚୁରା ଏବଂ ସିଗାରେଟ ପ୍ରସ୍ତୁତ କରି ବିକ୍ରି କରିବାକୁ ନେଉଥିବାବେଳେ ପୁଲିସ ଅଭିଯୁକ୍ତକୁ ଧରବାରେ ସଫଳ ହୋଇଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ ହେବା ସହିତ ଗଞ୍ଜେଇ ଏବଂ ବାଇକ୍ ଜବତ କରାଯାଇଛି ବୋଲି ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ କିଛି ମାସ ପୂର୍ବରୁ ଗଞ୍ଜେଇ ସିଗାରେଟ ବିକ୍ରି ମାମଲାରେ ଅଭିଯୁକ୍ତଙ୍କ ମାଆ ଗିରଫ ହୋଇଥିଲେ।

## କର୍ମଚାରୀଙ୍କ ସମସ୍ୟା ସମାଧାନ ଦାବିରେ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର

# ଜୟପୁର ଶ୍ରମ ଉପ କମିଶନର ଭାବେ ପ୍ରସନ୍ନ ପାଣିଗ୍ରାହୀଙ୍କୁ ନିଯୁକ୍ତି ଦାବି

ଜୟପୁର,୨୦।୩(ସମିସ):

ସ୍ଥାନୀୟ କର୍ମଚାରୀ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ସ୍ଥାନୀୟ ଯୁଗ୍ମ ଶ୍ରମ କମିଶନରଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସେୱା କାଗଜ କଳ, କେସିସି ବ୍ୟାଙ୍କ, ସଡ଼କ ପରିବହନ କର୍ମଚାରୀ, ସିଟି କୋଅର୍ଡିନେସନ କମିଟିକୁ ନେଇ ଗଠିତ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରଦାନ କରାଯାଇଥିବା ସ୍ମାରକ ପତ୍ରରେ ୨୦୨୦ ଫେବୃଆରୀରୁ କାଗଜ କଳ ମଦର ଆର୍ଥ ନାମକ କମ୍ପାନୀକୁ ବିକ୍ରି ହୋଇଛି। ଏଥିପାଇଁ ଏକ ବିଜିନେସ ଟ୍ରାନ୍ସଫର ଏଗ୍ରିମେଣ୍ଟ (ବିଟିଏ) ହୋଇଛି। ବିଟିଏରେ କାଗଜକଳର କର୍ମଚାରୀମାନଙ୍କ ଚାକିରି ସର୍ତ୍ତାବଳୀ ଅକ୍ଷୁର୍ଣ୍ଣ ରଖିବା ପାଇଁ ରାଜି ହୋଇ କମ୍ପାନୀ ତା'ର ବିପରୀତରେ ଏକ ଏମ୍ଓୟୁ କରିବା ସହିତ କର୍ମଚାରୀଙ୍କ ୪ମାସର ଦରମା ପ୍ରଦାନ କରିନାହାନ୍ତି। ଅବସରପ୍ରାପ୍ତ ଶ୍ରମିକମାନଙ୍କ ଗ୍ରାଚ୍ୟୁଇଟି, ବକେୟା ପାଉଣା କିଛି ମିଳୁନାହିଁ। ପିଏଫ୍ ଜମାରାଶି ବ୍ରହ୍ମପୁର କାର୍ଯ୍ୟାଳୟକୁ ସ୍ଥାନାନ୍ତର ହୋଇଥିଲେ



ମଧ୍ୟ କର୍ମଚାରୀଙ୍କ ବକେୟା ଟଙ୍କା ମିଳିପାରୁନାହିଁ କି ପେନସନ୍ ମଧ୍ୟ ମିଳୁନାହିଁ। ସେହିପରି କେସିସି ବ୍ୟାଙ୍କ, ପରିବହନ କର୍ମଚାରୀମାନେ ଅବସର ପରେ ଗ୍ରାଚ୍ୟୁଇଟି ବକେୟା ପାଉଣା ପାଇବା ପାଇଁ ଅପେକ୍ଷା କରିଛନ୍ତି। ଶ୍ରମ ବିଭାଗରେ ମାମଲା ହୋଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରି ନାହିଁ। ଜୟପୁର ଶ୍ରମ ବିଭାଗରେ ଉପଶ୍ରମ ସଂସ୍ଥାପକ ଦୁଇଟି ପଦ ଖାଲି ପଡ଼ିଛି। ଏଠାରୁ ଦକ୍ଷ ଅଧିକାରୀ ଉପକମିଶନର ପ୍ରସନ୍ନ କୁମାର ପାଣିଗ୍ରାହୀଙ୍କୁ ବଦଳି କରିଦିଆଗଲା। ତାଙ୍କୁ ଏଠାରେ ପୁନର୍ବାର ଉପକମିଶନର ଭାବେ ଅବସ୍ଥାପିତ କଲେ ଶ୍ରମିକମାନଙ୍କର ଗ୍ରାଚ୍ୟୁଇଟି, କ୍ଷତିପୂରଣ ମାମଲାର ସମାଧାନ ଶୀଘ୍ର ହେବ। ରାଜ୍ୟ ସରକାର ଘୋଷଣା କରିଥିବା ସର୍ବନିମ୍ନ ମଜୁରୀ କୋରାପୁଟ ଜିଲ୍ଲାର ସମସ୍ତ କ୍ଷେତ୍ରରେ ଲାଗୁ କରିବା ପାଇଁ ଶ୍ରମ ବିଭାଗ ପଦକ୍ଷେପ ନେବାକୁ ଦାବି କରାଯାଇଛି। ସେହିପରି ଇପିଏଫ୍ ପେନସନର୍ସମାନଙ୍କୁ ମାସିକ ସର୍ବନିମ୍ନ ୯ ହଜାର ଟଙ୍କା ଦେବା ସହ ବିଜୁ ସ୍ୱାସ୍ଥ୍ୟ ସେବା ସୁବିଧାରେ ସାମିଲ୍ କରିବା ପାଇଁ ଦାବି କରାଯାଇଛି। ମିଳିତ କ୍ରିୟାନୁଷ୍ଠାନ କମିଟିର ଅଧ୍ୟକ୍ଷ ଯୁଧିଷ୍ଠିର ରାଉଳଙ୍କ ନେତୃତ୍ୱରେ ପ୍ରମୋଦ କୁମାର ମହାନ୍ତି, ଉମାକାନ୍ତ ରଥ, ପ୍ରଦୀପ ପାଢ଼ିଆ, ଅଲେଖ ପାତ୍ର, ବସନ୍ତ ବେହେରା, ନରସିଂହ ମହାପାତ୍ର, ଏନ୍ଏସ୍ଆର୍ ମୂର୍ତ୍ତି, ବୈଜୟନ୍ତୀ ପଣ୍ଡା, ଅଞ୍ଜନା ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ସିଭିଜିଲ ଓ ଇଏସ୍ଏମ୍ଏସ୍ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

କୋରାପୁଟ,୨୦।୩(ସମିସ):

ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେବା ପରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗକୁ ସିଭିଜିଲ ଆପ୍ ମାଧ୍ୟମରେ ଲୋକମାନେ ଅଭିଯୋଗ କରିବାକୁ ନିର୍ବାଚନ କମିଶନ ସୁଯୋଗ ଦେଇଛନ୍ତି। ଅଭିଯୋଗ ପାଇବାର ୧୦୦ ମିନିଟ୍ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ନଗଦ ଟଙ୍କା ଓ ମଦକୁ ନଜରରେ ରଖିବ ନିର୍ବାଚନ ପରିଚାଳନା ବ୍ୟବସ୍ଥା ଆପ୍। ନିର୍ବାଚନ ସମୟରେ ନଗଦ ଟଙ୍କା ଓ ମଦ ବଣ୍ଟନ ପ୍ରଭୃତି ଘଟଣା ଅନଲାଇନରେ କିପରି ରେକର୍ଡଭୁକ୍ତ କରିବା ପାଇଁ ଏହି ବ୍ୟବସ୍ଥା କରାଯାଇଛି। ଏହି ଦୁଇଟି ଆପର ପରିଚାଳନା କରିବା ପାଇଁ ଜିଲ୍ଲାର ଆରଓ, ଏଆରଓ



ଏବଂ ସୁପରଭାଇଜରମାନଙ୍କୁ ବୁଧବାର ପ୍ରଶିକ୍ଷଣ ଦିଆଯାଇଛି। ଏଚ୍ଆରଏମଏସ ସଂଯୋଜକ ସଚ୍ଚିଦାନନ୍ଦ ସାମନ୍ତରାୟ ତାଲିମଦାତା ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ ଓ ଆଲୋମନି ସେଠୀ, କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର ଓ ଜୟପୁର ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଓସ୍ୱାନ ଡିଜିଏମ ମନୋଜ ଦାସ, ଡେପୁଟି କଲେକ୍ଟର (ନିର୍ବାଚନ) ଦେବେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ଜିଲ୍ଲାର ବିଭିନ୍ନ ସହର ଏବଂ ଗ୍ରାମମାନଙ୍କରେ ଲାଗିଥିବା ପୋଷ୍ଟର ଓ ହୋର୍ଡିଂ ସବୁ ଉଠାଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ କହିଛନ୍ତି। ଏପରିକି ସରକାରୀ ପାଚେରି କିମ୍ବା ଘର କାନ୍ଥରେ ବିଭିନ୍ନ ରାଜନୈତିକ ଦଳର ଲେଖାକୁ ଲିଭାଯାଇଥିବା ସେ କହିଛନ୍ତି। ନିର୍ବାଚନ ସଂକ୍ରାନ୍ତୀୟ ଏବଂ କୌଣସି ଅଭିଯୋଗ ଥିଲେ ନିୟନ୍ତ୍ରଣ କକ୍ଷ ଟୋଲ ଫ୍ରି ନମ୍ବର ୧୯୫୦ରେ ଯୋଗାଯୋଗ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

# ନବରଙ୍ଗପୁରରେ ଦୋଳ ଉତ୍ସବର ବିମାନଯାତ୍ରା ଆରମ୍ଭ

ନବରଙ୍ଗପୁର,୨୦।୩(ସମିସ)

ନବରଙ୍ଗପୁରଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶ୍ରୀଜୀଉଙ୍କ ଦୋଳ ଉତ୍ସବର ବିମାନ ଯାତ୍ରା ଆରମ୍ଭ ହୋଇଯାଇଛି। ଏହି ଯାତ୍ରା ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିରଠାରୁ ଆରମ୍ଭ ହେଉଛି। ପ୍ରତ୍ୟେକ ଦିନ ରାତି ସମୟରେ ଶ୍ରୀରାଧା-କୃଷ୍ଣ ବିମାନ ଯୋଗେ ପ୍ରଥାନୁସାରେ ପ୍ରଥମେ ରାଜାଙ୍କ ଘରକୁ ଯାଇ ଭୋଗ ଖାଇଥାନ୍ତି। ପରେ ଶ୍ରୀରାଧା-କୃଷ୍ଣ ନଗର ପରିକ୍ରମାରେ ବାହାରିଥାନ୍ତି। ଶ୍ରୀଜୀଉଙ୍କ ବିମାନ ଯାତ୍ରା ନିୟମାନୁସାରେ, ପ୍ରଥମ ଦିନ ପୂଜାରୀ ସାହି ପର୍ଯ୍ୟନ୍ତ ଯାଇଥିବାବେଳେ ଦ୍ୱିତୀୟ ଦିନରେ ଶଙ୍ଖାରି ସାହି ଛକ, ତୃତୀୟ ଦିନରେ ଗୌଡ଼ ସାହି ଛକ ପର୍ଯ୍ୟନ୍ତ ଯାଇଥିଲା। ବଳକା ଦିନ ଗୁଣ୍ଡିଚା ମନ୍ଦିର ଛକ ପର୍ଯ୍ୟନ୍ତ ନଗର ପରିକ୍ରମା କରିବେ ଶ୍ରୀଜୀଉ। ଏହି ଦୋଳ ଯାତ୍ରା ଫଗୁ ଦଶମୀଠାରୁ ଆରମ୍ଭ ହୋଇ ଦୋଳ ପୂର୍ଣ୍ଣିମା ଓ ହୋଲି ପର୍ଯ୍ୟନ୍ତ ସମୁଦାୟ ୬ଦିନ ଧରି ଚାଲିଥାଏ। ଏହାର ୪ର୍ଥ ଦିନରେ ହୋଲିକା ପୋଡ଼ି ନୀତି ଓ ୫ମ ଦିନରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ନବରଙ୍ଗପୁର ରାଜପୁରୋହିତ ନରସିଂହ ତ୍ରିପାଠୀ ନୂତନ ପଞ୍ଜିକା ପୂଜାର୍ଚ୍ଚନା କରି ପାଠ କରନ୍ତି। ଏହି ଦୋଳ ଉତ୍ସବର



ବିମାନ ଯାତ୍ରାରେ ଶ୍ରୀଜଗନ୍ନାଥ ମନ୍ଦିର, ଶ୍ରୀହନୁମାନ ମନ୍ଦିର, ଶ୍ରୀଚୈତନ୍ୟ ମନ୍ଦିର, ଶ୍ରୀଗୁଣ୍ଡିଚା ମନ୍ଦିର ଏବଂ ବ୍ରାହ୍ମଣକାର୍ଜି ଘର ମିଶି ସମୁଦାୟ ୫ଟି ରାଧାକୃଷ୍ଣଙ୍କ ବିମାନ ସାମିଲ ହୋଇଥାନ୍ତି। ଏହି ଯାତ୍ରାରେ ପ୍ରତ୍ୟେକ ଦିନ ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ରାଜପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ସମେତ ରଜେନ୍ଦ୍ର ତ୍ରିପାଠୀ, ସୁମିତ ହଡ଼ପ, ଚିନୁ ଦାସ, ବୁନୁ ପୂଜାରୀ, ଦାମ ପାତ୍ର, ଶେଷ ବ୍ରହ୍ମା, ଜଗା ବ୍ରହ୍ମା, ଗୁପ୍ତ ତ୍ରିପାଠୀ, ଗୌର ତ୍ରିପାଠୀ, ଦୁର୍ଗା ତ୍ରିପାଠୀ, ନରେଶ ତ୍ରିପାଠୀ, ବାବୁଲି ହଡ଼ପ, ଶିବ ଶଙ୍କର ହଡ଼ପ, ଭବାନୀ ଶତପଥୀ, ତ୍ରୟନାଥ ତ୍ରିପାଠୀ, କାଳୀକିଙ୍କର ପଟ୍ଟନାୟକ, ପପୁ ତ୍ରିପାଠୀ, ସୁମିତ ପାଳ, ରାଧାମୋହନ ହଡ଼ପ, ନବରଙ୍ଗପୁର ଆର୍‌ଆଇ ସାଗର ଖୁଣ୍ଟିଆ, ବାବୁ ରାଓ, ଦେବୋତ୍ତର କର୍ମଚାରୀ ଗଣପତି ଗୌଡ଼, ନରସିଂହ ନାୟକ, ମିନ ନାୟକ, ଭାଗିରଥି ନାୟକ ପ୍ରମୁଖଙ୍କ ସମେତ ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗର ସମସ୍ତ ସଭ୍ୟ, ମାଳି ସମାଜର ବହୁ ସଭ୍ୟ, ଦେବୋତ୍ତର ବିଭାଗ କର୍ମଚାରୀ ଏବଂ ନବରଙ୍ଗପୁର ପୁଲିସ କର୍ମଚାରୀ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ ଓ ପରିଚାଳନା କରିଥାନ୍ତି ବୋଲି ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗର ସମ୍ପାଦକ କୁନା ପାତ୍ର କହିଛନ୍ତି।

## କୋଟିଆର ପୂର୍ବଦିଗ ଗ୍ରାମରେ ମତଦାନ ସଚେତନତା କାର୍ଯ୍ୟକ୍ରମ



**ପଟ୍ଟାଙ୍ଗି,୨୦।୩(ସମିସ):** କୋଟିଆ ପଞ୍ଚାୟତରୁ ପୂର୍ବଦିଗର ଗ୍ରାମଗୁଡ଼ିକରେ ଦ୍ୱିତୀୟ ଦିନରେ ଜିଲ୍ଲା ପ୍ରଶାସନ ଦ୍ୱାରା ସାଧାରଣ ନିର୍ବାଚନ ନିମନ୍ତେ ଲୋକଙ୍କୁ ସଚେତନ କରାଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମଟି କୋଟିଆ ପଞ୍ଚାୟତର ପୂର୍ବଦିଗ ତଥା ଫାଟୁସିନେରୀ, ମାଡକାର୍, ଗଞ୍ଜେଇପଦର ଓ କୋଟିଆ ଗ୍ରାମକୁ ପ୍ରଶାସନିକ କର୍ମଚାରୀମାନେ ଗସ୍ତ କରି ଲୋକଙ୍କୁ ନିର୍ବାଚନ ନିମନ୍ତେ ସଚେତନ କରିଥିଲେ। କାର୍ଯ୍ୟକ୍ରମଟି କୋଟିଆ ପଞ୍ଚାୟତର ପୂର୍ବଦିଗରେ ରହିଥିବା ଗ୍ରାମଗୁଡ଼ିକ ତଥା ଉପରସେମ୍ବି, ଧୂଳିପଦର, ତାଡିୱାଲାସା ଆଦି ଗ୍ରାମଗୁଡ଼ିକରେ କରାଯାଇଥିଲା। ପଟ୍ଟାଙ୍ଗି ବିଡିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କ ଉପସ୍ଥିତିରେ ପ୍ରତ୍ୟେକ ଗ୍ରାମକୁ ଯାଇ ଲୋକଙ୍କୁ ଆସନ୍ତା ମେ' ୧୩ ତାରିଖ ଦିନ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ନିଜର ଭୋଟକୁ ଭୋଟ୍ କେନ୍ଦ୍ରରେ ପହଞ୍ଚି ନିର୍ଭିକ ହୋଇ ମତଦାନ କରିବା ନିମନ୍ତେ ସଚେତନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟ ଅଧିକାରୀଗଣ ତଥା ଏପିଡି ହିମାଂଶୁ ଶତପଥୀ, ଜିପିଇଓ ଦିବାକର ପୁରୋହିତ, ସ୍ଥାନୀୟ ଯନ୍ତ୍ରୀ ଆଜୟରାମ ତରାଇ, ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟୋଧନ ନାୟକ, ପୂର୍ବତନ ଶିକ୍ଷକ ସୁକୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଅନୀଲ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ମାଥିଲି ବିଜୟୀ



**ବାଲିମେଲା,୨୦।୩(ସମିସ):** ମାଲକାନଗିରି ଜିଲ୍ଲା ବାଲିମେଲା ସ୍ଥିତ ମିନି ଷ୍ଟାଡିୟମଠାରେ ବୁଧବାର ଅନୀଲ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଅତିଥିଭାବେ ମାଲକାନଗିରି ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ବାଲିମେଲା ଏନଏସି କାଉନସିଲର ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସୁନିତା ଗୁରୁ, ମାଲକାନଗିରି ଜିଲ୍ଲା କ୍ରିକେଟ୍ ଆସୋସିଏସନର ଉପସଭାପତି ରାଜକମଲ ପୁରୋହିତ, ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ମ୍ୟାନେଜର ସତବୀର ସିଂ, ମାଲକାନଗିରି ଜିଲ୍ଲା ବିଜେଡି ଉପସଭାପତି ସୀମାଞ୍ଚଳ ପ୍ରଧାନ, ସମ୍ପାଦକ ବିଜୟ କ୍ରିଷ୍ଣା ଦାସ ପ୍ରମୁଖ ଉପସ୍ଥିତିରେ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଜିଲ୍ଲାର ୮ଟି ଦଳ ଭାଗ ନେବେ। ବୁଧବାର ମାଥିଲି ଓ କାଲିମେଲା ମଧ୍ୟରେ ହୋଇଥିଲା। ମାଥିଲି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୭ଟି ୱିକେଟ୍ ହରାଇ ୨୪୮ ରନ୍ କରିଥିଲା। କାଲିମେଲା ଦଳ ୨୧ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୭ ରନ୍ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚରେ ଅମ୍ପାୟାର ଭାବେ ଆଣ୍ଟନି ବାଘ ଓ ସୀମାଞ୍ଚଳ ସୁବୁଦ୍ଧି ପରିଚାଳନା କରିଥିଲେ। ଆଗାମୀ ୨୭ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ବାଲିମେଲା ଚ୍ୟାଲେଞ୍ଜ କ୍ରିକେଟ ଆସୋସିଏସନ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି।

## ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସରପଞ୍ଚ ସଂଘର ସମ୍ବର୍ଦ୍ଧନା



**ମାଥିଲି,୨୦।୩(ସମିସ):** ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ୨୦ଟି ପଞ୍ଚାୟତର ସରପଞ୍ଚ ସଂଘର ସଭାପତି କାନାମ ରାଜୁ ନାୟକଙ୍କ ନେତୃତ୍ୱରେ ମାଥିଲି ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଞ୍ଚଳ ମାଝୀଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅବସରରେ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମାଝୀ ଅଞ୍ଚଳରେ କିପରି ଜନସାଧାରଣଙ୍କ ପାଖରେ ସରକାରୀ ସହାୟତା ସହିତ ସମସ୍ତ ପ୍ରକାର ସୁବିଧା ପହଞ୍ଚି ପାରିବ ସେଥିପାଇଁ ବ୍ଲକ ପ୍ରଶାସନ ସର୍ବଦା କାର୍ଯ୍ୟ କରିବା ସହିତ କଡ଼ା ପଦକ୍ଷେପ ନେବା ପାଇଁ ସଂଘର କର୍ମକର୍ତ୍ତାମାନେ ବିଭିନ୍ନ ବିଷୟକୁ ନେଇ ଆଲୋଚନା କରିଛନ୍ତି। ଏହି ଅବସରରେ ଚାଉଲ ମେଣ୍ଢି ସରପଞ୍ଚ ଜଳନ୍ଧର ନାୟକ, ଧୂଙ୍ଗିଆପୁଟ ସରପଞ୍ଚ ମଧୁସୂଦନ ନାୟକ, ପାଙ୍ଗାମ ସରପଞ୍ଚ ଇନ୍ଦ୍ର ନାୟକ, ଭେଜଗୁଡ଼ା ସରପଞ୍ଚ ଭୀମସେନ ନାୟକ, ଉଦୁଲିବେଡ଼ା ସରପଞ୍ଚ ନନ୍ଦ ଖିଲ, ମେକ୍କା ପଞ୍ଚାୟତ ସରପଞ୍ଚ ରଞ୍ଜୀତା ପୂଜାରୀ, ଆମ୍ବଗୁଡ଼ା ସରପଞ୍ଚ ସୁକୁମଣି ଚାଲାଣ, ଚେଡ଼େଙ୍ଗା ସରପଞ୍ଚ ସୁଧାସିନୀ ମାଛା, କୁଟୁଣୀପାଲ୍ଲୀ ସରପଞ୍ଚ କମଳୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମାଝୀ ମାଥିଲି ବ୍ଲକ ଅଞ୍ଚଳରେ କିପରି ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ଲୋକଙ୍କ ସମସ୍ୟା ସମାଧାନ କରି ପାରିବ ସେଥିପାଇଁ ମାଥିଲି ବ୍ଲକ ପ୍ରଶାସନ ତରଫରୁ ସମ୍ପୂର୍ଣ୍ଣ ଭାବେ ଚେଷ୍ଟା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତାହା ସହିତ ବ୍ଲକ ପ୍ରଶାସନ ଓ ଜନସାଧାରଣଙ୍କ ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରିବା ସହିତ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ପାଇଁ ସମସ୍ତ ପ୍ରକାର ଚେଷ୍ଟା ଜାରି ରହିବ ବୋଲି ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି।

### ନାବାଳିକା ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୧୦ ବର୍ଷ କାରାଦଣ୍ଡ ଓ ୧୦ ହଜାର ଜରିମାନା

**ଜୟପୁର,୨୦।୩(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ଏହି ମାମଲାରେ ଅଭିଯୁକ୍ତ ଜୟପୁର ସଦର ଥାନା ନୂଆଗୁଡ଼ ଗ୍ରାମର ସୁନ୍ଦର ଜାନି (୨୩)କୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ସ୍ଥଳେ ଅଧିକ ୬ ମାସ ଜେଲଦଣ୍ଡରେ ଦଣ୍ଡିତ ହେବେ ବୋଲି ସ୍ୱତନ୍ତ୍ର ପୋକ୍ସୋ ଜଜ୍ ବିଚାର କରି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ଆଇନଜୀବୀ ଡ. ଗାୟତ୍ରୀ ଦେବୀ ପରିଚାଳନା କରିଥିବାବେଳେ ତତ୍କାଳିନ ଜୟପୁର ମହିଳା ଥାନା ଅଧିକାରୀ ତିଳୋତ୍ତମା ନାୟକ ତଦନ୍ତ କରିଥିଲେ।

ମାମଲା ଅନୁଯାୟୀ, କୋରାପୁଟ ଜିଲ୍ଲା ବି. ସିଙ୍ଗପୁର ଥାନା ଅଞ୍ଚଳରେ ୨୦୧୮ ସେପ୍ଟେମ୍ବର ୧୮ ତାରିଖରେ ପୀଡ଼ିତା ନିଜ ଗ୍ରାମ ସ୍ଥିତ ପୋଖରୀକୁ ଗାଧୋଇବାକୁ ଯାଉଥିବାବେଳେ ଅଭିଯୁକ୍ତ ତାଙ୍କୁ ଜୋର୍ ଜବରଦସ୍ତ ଦୁଷ୍କର୍ମ କରିଥିଲା। ନାବାଳିକା ଘରକୁ ଫେରି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଏକ ବୈଠକ ହୋଇଥିଲା। ଏହି ବୈଠକରେ ଅଭିଯୁକ୍ତ ନିଜ ଭୁଲ ସ୍ୱୀକାର କରିଥିଲା। ନାବାଳିକାଙ୍କୁ ବିବାହ ସହିତ ନିଜ ଘରକୁ ନେଇ ୬ ମାସ ରଖିବା ପରେ ନାବାଳିକାଙ୍କୁ ମାଡ଼ମାରି ଘରୁ ବାହାର କରି ଦେଇଥିଲା। ନାବାଳିକା ନିଜ ବାପ ଘରକୁ ଫେରି ଆସିବା ସହିତ ଘଟଣା ସମ୍ପର୍କରେ କହିବା ପରେ ପରିବାର ପକ୍ଷରୁ ଜୟପୁର ମହିଳା ଥାନାରେ ଏତଲା ଦେଇଥିଲେ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଂସ୍କୃତି' ପକ୍ଷରୁ ପଖାଳ ଦିବସ



**ରାୟଗଡ଼ା, ୨୦।୩(ସମିସ):** ରାୟଗଡ଼ା ସହରର ସ୍ୱେଚ୍ଛାସେବୀ ମହିଳା ଅନୁଷ୍ଠାନ 'ସଂସ୍କୃତି' ତରଫରୁ ବୁଧବାର ବିଶ୍ୱ ପଖାଳ ଦିବସ ପାଳନ କରାଯାଇଛି। ବିଭିନ୍ନ ସମୟରେ ଓଡ଼ିଆଙ୍କ କଳା, ସଂସ୍କୃତି ଓ ପରମ୍ପରାକୁ ଅଗ୍ରାଧିକାର ଭାବେ ପାଳନ କରୁଥିବା ସଂସ୍କୃତି ଅନୁଷ୍ଠାନର ସଦସ୍ୟାମାନେ ଆଜି ମିଳିମିଶି ପଖାଳ ଦିବସ ପାଳନ କରିଛନ୍ତି। ଏହି ଅବସରରେ ସଂସ୍କୃତିର ସମସ୍ତ ମହିଳା ସମ୍ବଲପୁରୀ ଶାଢ଼ି ପିନ୍ଧି ମିଳିମିଶି ପଖାଳ ଖାଇଥିଲେ। ପଖାଳ ଭାତ ସହିତ ବଡ଼ିଚୂରା, ଶାଗ, ବାଇଗଣ ଭର୍ତ୍ତା, ମାଛ ଭଜା, ଚିଙ୍ଗୁଡି କସା ସହିତ ପଣସ ବେସର ଭଳି ସ୍ୱାଦିଷ୍ଟ ବ୍ୟଞ୍ଜନ ସମସ୍ତଙ୍କୁ ପରସା ଯାଇଥିଲା। ଏହି ଅବସରରେ ସଂସ୍କୃତି ଅନୁଷ୍ଠାନର ସଭାନେତ୍ରୀ ସୁଜାତା ପାଳ, ସମ୍ପାଦିକା ସରସ୍ୱତୀ ସାହୁ, ଉଷା ନାୟକ, ଅଞ୍ଜଳି ଶତପଥି, ରୀତା ମିଶ୍ର, ଜିଲ୍ଲା ବିଜେଡ଼ି ମହିଳା ସଭାନେତ୍ରୀ ଶ୍ରମିତା ପାଢ଼ୀ, ଲକ୍ଷ୍ମୀ ଦେଓ, ମାଳତୀ ଚୌଧୁରୀ, ସୁଜାତା ମାଦଳା, ସୁଜାତା ଖାଡ଼ାଙ୍ଗା, ରେଣୁବାଳା ପାଣିଗ୍ରାହୀ, ରଶ୍ମିତା ପଣ୍ଡା ଓ ମମତା ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

**ସେମିଳିଗୁଡ଼ା/ସୁନାବେଡ଼ା:** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ାରେ ବିଭିନ୍ନ ହୋଟେଲରେ ସ୍ୱତନ୍ତ୍ର ଭାବେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଦହି ପଖାଳ ସାଙ୍ଗକୁ ବଡ଼ିଚୁରା, ମାଛ ଭଜା, ଆଳୁ ଓ ବାଇଗଣ ଭର୍ତ୍ତା,



ତରକାରୀ, ଛତୁ ଭଜା, ଶାଗ ଭଜା, ଟମାଟୋ ଚଟଣୀ, କଖାରୁ ଫୁଲ ଭଜା ଆଦି ବିଭିନ୍ନ ପ୍ରକାର ବ୍ୟଞ୍ଜନ ପରିବେଷଣ ହୋଇଥିଲା। ଲୋକେ ପଖାଳ ଖାଇ ବେଶ୍ ପ୍ରଶଂସା କରିଛନ୍ତି। ସ୍ଥାନୀୟ ପ୍ରାଚୀ ହୋଟେଲରେ ଏସ୍‌ଏସ୍ ଇଭେଣ୍ଟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁନାବେଡ଼ା ଏସଡିପିଓ ମନୋବ୍ରତା ଶତପଥୀ ଯୋଗଦେଇଥିଲେ। ଓଡ଼ିଆଙ୍କ ପ୍ରଥମ ପସନ୍ଦ ପଖାଳ। ପ୍ରତି ଘରେ ଘରେ ପରିଚିତ ପଖାଳ। କଂସାଏ ପଖାଳ ଧରିଲେ ଅନ୍ୟ ସବୁ ଖାଦ୍ୟ ତୁଚ୍ଛ। ଏହି ପଖାଳ କୃଷକ, ଶ୍ରମିକଙ୍କଠାରୁ ଆରମ୍ଭ କରି ଧନୀ ଗରିବ ସମସ୍ତଙ୍କ ପ୍ରିୟ। ପଖାଳର ଏହି ଆଦର ଏହାକୁ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ମନୋବ୍ରତା ମତ ପ୍ରକାଶ କରିଥିଲେ। ସେହିପରି ସେମିଳିଗୁଡ଼ା ବ୍ଲକର ଉପାଧ୍ୟକ୍ଷ ଶିବା ବାଙ୍ଗାରି, ବିଜୁ ଜନତା ଦଳ ଯୁବ ନେତା ଅମିତ୍ ଅଗ୍ରୱାଲ, ସମାଜସେବୀ ସଞ୍ଜୀବ ମହାନ୍ତି, ଶିକ୍ଷକ ସନ୍ଦୀପ, ହୋଟେଲ ମାଲିକ ପ୍ରଭାତ ସୁତାର ଆଉ ଅନ୍ୟମାନେ ଓଡ଼ିଶାର ପଖାଳ ପ୍ରତି ଅନ୍ୟ ରାଜ୍ୟର ଲୋକେ ଆକର୍ଷିତ ହେଲେଣି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଅତିଥିମାନଙ୍କୁ ପଖାଳ ପରଶି ଏହାର ସ୍ୱାଦ ଓ ଗୁଣବତ୍ତାକୁ ବିଦିତ କରାଇଛନ୍ତି। ପଖାଳ ପାଇଁ ଆଜି ଆମେ ଓଡ଼ିଆ ଭାବେ ଆମେ ଗର୍ବିତ ବୋଲି କହିଥିଲେ। ସେହିପରି ବିଭିନ୍ନ ଅନୁଷ୍ଠାନ ଓ ହୋଟେଲ ପକ୍ଷରୁ ମଧ୍ୟ ପଖାଳ ଦିବସ ପାଳନ କରାଯାଇଛି।

## ନୃସିଂହ ମହାନ୍ତିଙ୍କୁ କୋ-ଅପରେଟିଭ୍ ବ୍ୟାଙ୍କ ନିର୍ଦ୍ଦେଶକ ନିଯୁକ୍ତି

**ମାଲକାନଗିରି,୨୦।୩(ସମିସ):** ରାଜ୍ୟ ସରକାରଙ୍କ କୋ-ଅପରେସନ ବିଭାଗ ପକ୍ଷରୁ ରାଜ୍ୟର ପ୍ରତ୍ୟେକ କୋ-ଅପରେଟିଭ୍ ବ୍ୟାଙ୍କରେ ଦୁଇ ଜଣ ଲେଖାଏଁ ସଦସ୍ୟ ନିଯୁକ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ କୋରାପୁଟ କୋ-ଅପରେଟିଭ୍ ବ୍ୟାଙ୍କର ସଦସ୍ୟ ତଥା ନିର୍ଦ୍ଦେଶକ ରୂପେ ମାଲକାନଗିରି ଜିଲ୍ଲାର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ବାର୍ ଆସୋସିଏସନର ସଭାପତି ନୃସିଂହ ଚରଣ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ଏହି କୋ-ଅପରେଟିଭ୍ ଅଧୀନରେ ଅନ୍ୟ ଜଣେ ନବରଙ୍ଗପୁର ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକର ଡଙ୍ଗର ଭେଜା ଗ୍ରାମର ସଦାଶିବ ସାହୁଙ୍କୁ ମନୋନୀତ କରାଯାଇଛି।



ପ୍ରତ୍ୟେକ କୋ-ଅପରେଟିଭ୍ ବ୍ୟାଙ୍କର କମିଟିମାନଙ୍କରେ ଦୁଇ ଜଣ ଲେଖାଏଁ ସଦସ୍ୟ ରହିବେ ବୋଲି ରାଜ୍ୟ କୋ-ଅପରେସନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଥିବାବେଳେ ପୂର୍ବରୁ ଶ୍ରୀ ମହାନ୍ତି କୋରାପୁଟ କୋ-ଅପରେଟିଭ ବ୍ୟାଙ୍କର ନର୍ଦ୍ଦେଶକ ପଦ ପାଇଁ ମଧ୍ୟ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଜିଲ୍ଲାରେ ଶ୍ରୀ ମହାନ୍ତି ଜଣେ ବେଶ୍ ପରିଚିତ ବ୍ୟକ୍ତି ହୋଇଥିବାବେଳେ ସେ ବରିଷ୍ଠ ସାମ୍ବାଦିକ, ଆଇନଜୀବୀ ସହ ବାର୍ ଆସୋସିଏସନର ସଭାପତି, ସମ୍ପାଦକ ଇତ୍ୟାଦି ରହିଆସିଛନ୍ତି। ଜିଲ୍ଲା ବିଜେଡିର ସାଂଗଠନିକ ସମ୍ପାଦକ ଭାବେ କାର୍ଯ୍ୟ କରି ସେ ବେଶ୍ ପ୍ରଶଂସା ସାଉଁଟିଥିବାବେଳେ ଏହି ପଦରେ ନ୍ୟସ୍ତ କରାଯିବା ପରେ ଜିଲ୍ଲା ବିଜେଡିର ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା ଓ ଦଳୀୟ ନେତୃମଣ୍ଡଳୀ, ଜିଲ୍ଲା ଯୁବ ସଭାପତି ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ହୃଦ୍‌ଘାତରେ ବାୟୁସେନା ଯବାନଙ୍କ ଦେହାନ୍ତ

**ବିଷମକଟକ,୨୦।୩(ସମିସ):** କାର୍ଯ୍ୟରତ ବାୟୁସେନା ଯବାନ ସିଏଚ କାନକ ରାଜୁଙ୍କ ହୃଦଘାତରେ ଦେହାନ୍ତ ହୋଇଛି। ସେ ରାୟଗଡ଼ା ଜିଲ୍ଲା ବିଷମକଟକ ମାଟିର ସନ୍ତାନ ହୋଇଥିବାବେଳ ଗୁଜରାଟର ଗାନ୍ଧୀଧାମର ବାୟୁସେନାର ଟେକ୍ନିକାଲ ବିଭାଗରେ କାର୍ଯ୍ୟରତ ଥଲେ। ସୂଚନାନୁଯାୟୀ, ସିଏଚକାନକ ରାଜୁ ମଙ୍ଗଳବାର ରାତି ଡ୍ୟୁଟି କରୁଥିବାବେଳେ ବୁଧବାର ସକାଳେ ଘରକୁ ବାହାରିଥିବା ସମୟରେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ପରେ ସହକର୍ମୀମାନେ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ସେଠାର ତାଙ୍କର ଦେହାନ୍ତ ଘଟିଛି। କାର୍ଯ୍ୟଳୟ ପକ୍ଷରୁ ଯବାନଙ୍କ ଦେହାନ୍ତ ଘଟିଥିବା ନେଇ ତାଙ୍କ ପରିବାରକୁ ଖବର ଦିଆଯାଇଛି। ଏହି ଖବରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହବା ସହ ଗୁରୁବାର ଗୁଜୁରାଟରୁ ଗାଁକୁ ତାଙ୍କର ମରଶରୀର ଅଣାଯିବା ନେଇ ପରିବାର ତରଫରୁ ସୂଚନା ମିଳିଛି। ସିଏଚକାନକ ରାଜୁଙ୍ଗଙ୍କ ଦୁଇବର୍ଷର ଶିଶୁକନ୍ୟା ଓ ଚାରିମାସର ଶିଶୁପୁତ୍ର ଅଛନ୍ତି। ପୂର୍ବରୁ ପଞ୍ଜାବର ଚଣ୍ଡିଗଡ଼ ଏୟାରବେସରେ ସେ କାମ କରୁଥିବାବେଳେ ବର୍ତ୍ତମାନ ଗୁଜରାଟକୁ ତାଙ୍କର ବଦଳି ହୋଇଥିଲା।





### ମୁକୁନ୍ଦପୁର ଶାଖା ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ମିଳୁନି ଉପଯୁକ୍ତ ବ୍ୟାଙ୍କ ସେବା

## କର୍ମଚାରୀ ଭୁଲିଗଲେ ମାନବିକତା; ଆହତ ଗ୍ରାହକଙ୍କୁ ଅଣଦେଖା

ମୁକୁନ୍ଦପୁର,୨୦।୩(ସମିସ)

ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁରଠାରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖାରେ ଗ୍ରାହକଙ୍କୁ ବ୍ୟାଙ୍କ କର୍ମଚାରୀଙ୍କ ପକ୍ଷରୁ ଉଚିତ ସେବା ଏବଂ ବ୍ୟବହାର ମିଳୁ ନ ଥିବା ଭଳି ଅଭିଯୋଗ ଶୁଣିବାକୁ ମିଳିଛି। ବୁଧବାର ମୁକୁନ୍ଦପୁର ଗ୍ରାମର ତ୍ରିନାଥ ଆର୍ଗୁଲା ନିଜ ପାସବୁକ ଅପଡେଟ କରିବା ପାଇଁ ବ୍ୟାଙ୍କକୁ ୧୦ଟାବେଳେ ଯାଇଥିଲେ। ତିନି ଘଣ୍ଟା ଅପେକ୍ଷା ପରେ ମଧ୍ୟ ସେ ନେଇଥିବା ପାସବୁକ ଅପଡେଟ କରିପାରି ନ ଥିଲେ। ଦୀର୍ଘ ସମୟ ଧରି ତ୍ରିନାଥ ଠିଆ ହୋଇଥିବାରୁ ହଠାତ ମୁହଁ ବୁଲାଇ ତଳେ ପଡ଼ିଯିବାରୁ ତାଙ୍କ



ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ସେ ସମୟରେ ବ୍ୟାଙ୍କ କର୍ମଚାରୀମାନେ ମାନବିକତା ଭୁଲି ଆହତ ହୋଇ ପଡ଼ିଥିବା ତ୍ରିନାଥକୁ ବ୍ୟାଙ୍କ ପରିସରରେ ରଖନି ବାହାରକୁ ନେଇଯାଅ ବୋଲି କହିଥିଲେ। ଘଟଣାସ୍ଥଳରେ ତ୍ରିନାଥ ଆର୍ଗୁଲାଙ୍କ ମୁଣ୍ଡ ଫାଟି ରକ୍ତ ବାହାରୁ ଥିବାବେଳେ ବ୍ୟାଙ୍କ କର୍ମଚାରୀମାନେ କୌଣସି ସାହାଯ୍ୟ ତଥା ମେଡିକାଲ ନେବା ପାଇଁ ଆଗକୁ ଆସି ନ ଥିଲେ ବୋଲି ତ୍ରିନାଥଙ୍କ ସ୍ତ୍ରୀ ମନୋରମା କୋହଭରା କଣ୍ଠରେ କହିଛନ୍ତି। ଏପରି କି ଅନେକ ଥର ଏହି ବ୍ୟାଙ୍କକୁ ଯାଇ ହତାଶ ହୋଇ ଫେରିଥିବା ଏବଂ ବ୍ୟାଙ୍କ କର୍ମଚାରୀ ସବୁବେଳେ ପ୍ରିଣ୍ଟିଂ ମେସିନ ଖରାପ ଅଛି ତଥା ଲିଙ୍କ ଫେଲ୍ କହି ଫେରାଇ ଦେଉଥିବା ସେ ଅଭିଯୋଗ କରିଛନ୍ତି। ଲୋକମାନେ ବ୍ୟାଙ୍କକୁ ଆସି ଘଣ୍ଟାଘଣ୍ଟା ଅପେକ୍ଷା କରି ନିରାଶ ହୋଇ ଫେରିଯାଇଥାନ୍ତି ବୋଲି ଅଞ୍ଚଳବାସୀ କହିଛନ୍ତି।

## ତ୍ରିନାଥ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବୋରିଗୁମ୍ମା,୨୦।୩(ସମିସ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ସହର ନିକଟସ୍ଥ ଦୁଲ୍ଲାଗୁଡ଼ା ଗ୍ରାମରେ ନୂତନ ତ୍ରିନାଥ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଉତ୍ସବ ଗତ ସୋମବାରଠାରୁ ଆରମ୍ଭ ହୋଇ ବୁଧବାର ପର୍ଯ୍ୟନ୍ତ ପାଳନ କରାଯାଇଥିଲା। ଏନେଇ ରବିବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପ୍ରସ୍ତୁତି ଶେଷ କରାଯାଇଥିଲା। ସୋମବାର କଳସ ଯାତ୍ରା, ଦୀକ୍ଷା ଗ୍ରହଣ, ମଣ୍ଡଳୀକରଣ, ମଙ୍ଗଳବାର ଶାଳା ପ୍ରବେଶ, ବୈଦିକ ପୂଜା, ସୂର୍ଯ୍ୟ ପୂଜା ଓ ଗୋ-ପୂଜା ବନଯୋଗ, ଅଗ୍ନିସ୍ଥାପନା, ବୈଦିକ ପୂଜାର୍ଚ୍ଚନା,



ପାର୍ଶ୍ୱ ଦେବତାଙ୍କ ପ୍ରତିଷ୍ଠା, ନୀଳଚକ୍ର, ହୋମ ନ୍ୟାସ ପରିଭ୍ରମଣ ଆଦି କରାଯାଇଥିବାବେଳେ ବୁଧବାର ରତ୍ନମୁଦ ଓ ତ୍ରିନାଥ ଦେବ ରତ୍ନସିଂହାସନ ବିଜେ ପୁରୋହିତମାନଙ୍କ ଦ୍ୱାରା କରାଯାଇଥିଲା। କର୍ତ୍ତା ଭାବେ ପି. ଚନ୍ଦ୍ରଶେଖର ରାଓ (ବାବୁନି) ଓ ତାଙ୍କ ପତ୍ନୀ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନା କରିଥିବାବେଳେ ଏଥିରେ ପୂଜାରୀପୁଟ ଗ୍ରାମର ସଦାଶିବ ମହାପାତ୍ରଙ୍କ ସହଯୋଗୀ ବ୍ରାହ୍ମଣମାନେ ପୁରୋହିତ ଭାବେ ଯୋଗଦେଇ ମନ୍ଦିର ପ୍ରତିଷ୍ଠା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଦୁଲ୍ଲାଗୁଡ଼ା ତ୍ରିନାଥ ଦେବ ମନ୍ଦିର କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା। ଏହି ଅବସରରେ ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନପ୍ରସାଦ ସେବନ କାର୍ଯ୍ୟକ୍ରମ କରାଯାଇଥିଲା। ବୁଧବାର ଶେଷଦିନରେ ଛତିଶଗଡ଼ ରାଜ୍ୟ ଜଗଦଲପୁର ମହାରାଜା କମଳଲୋଚନ ଭଞ୍ଜଦେଓ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବାରୁ ବୋରିଗୁମ୍ମା ବ୍ଲକର କୋଣ ଅନୁକୋଣରୁ ଅନେକ ଲୋକ ଏହି ପ୍ରତିଷ୍ଠା ଉତ୍ସବରେ ସାମିଲ ହୋଇଥିଲେ। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

